# ସୁଭଦ୍ରା ଆବେଦନରେ ଆଧାର ବାଧକ

ରସୁଲପୁର,୬।୯(ରଞ୍ଜିତ ରାଉତ)

୨୦୧୧ ଜନଗଣନା ଅନୁସାରେ ରସୁଲପୁର ବ୍ଲକର ପରିବାର ସଂଖ୍ୟା ୩୬ହଜାରୁ ଊର୍ଦ୍ଧ୍ୱ ହେବ। ୨୦୧୫ ଆର୍ଥିକ ବର୍ଷରେ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ରାଶନ କାର୍ଡ ପ୍ରଦାନ କରାଯାଇଥିବା ୩୮ହଜାରରୁ ଊର୍ଦ୍ଧ୍ୱ ପରିବାରର ସମସ୍ତ ଯୋଗ୍ୟ ମହିଳା ଓ ରାଶନ କାର୍ଡ ନ ଥାଇ ବାର୍ଷିକ ୨.୫ ଲକ୍ଷ ଟଙ୍କାରୁ କମ୍ ଆୟଥିବା ପରିବାରର ୨୧ରୁ ୬୦ବର୍ଷ ମଧ୍ୟରେ ଥିବା ମହିଳାମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ। ଆବେଦନକାରୀଙ୍କ ଜମାଖାତାକୁ ସେପ୍ଟେମ୍ବର ୧୭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯିବ।

ଏହି ଯୋଜନାରେ ବର୍ଷକୁ ୨ କିସ୍ତିରେ ୧୦ହଜାର ଟଙ୍କା ମିଳିବ। ଦ୍ୱିତୀୟ କିସ୍ତି ହିତାଧିକାରୀଙ୍କ ଜମାଖାତାକୁ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯିବ। ସେହି ଅନୁସାରେ ଆବେଦନ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି। ଆବେଦନକାରୀଙ୍କୁ ଅଙ୍ଗନୱାଡି କେନ୍ଦ୍ର, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ଆଦି ସ୍ଥାନରେ ଫର୍ମ ପ୍ରଦାନ କରାଯାଉଛି। ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଆବେଦନକାରୀ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ ପ୍ରକ୍ରିୟାକୁ ଜନସେବା ଓ ମୋ-ସେବା କେନ୍ଦ୍ର ଭଳି ଅସଜଡ଼ା ଅନଲାଇନ ସଂସ୍ଥା ଉପରେ ଛାଡି ଦିଆଯାଇଛି। ଯୋଜନାରେ ସାମିଲ ହେବାକୁ ଥିବା ଯୋଗ୍ୟ ଆବେଦନକାରୀଙ୍କ ପାଇଁ ଆଧାରକାର୍ଡ ବାଧକ ସାଜିଛି। ଆଧାର କାର୍ଡ ଓ ବ୍ୟାଙ୍କ ଜମାଖାତାରେ ଫୋନ ନମ୍ବର ବାଧ୍ୟତାମୂଳକ ଆବେଦନ ପ୍ରକ୍ରିୟାକୁ ବିଳମ୍ବିତ କରୁଛି। ଫର୍ମ ଆବେଦନ ପୂର୍ବରୁ ଆବେଦନକାରୀ ଆଧାର ସଂଶୋଧନ ପାଇଁ କେନ୍ଦ୍ରରେ ଭିଡ ଜମାଉଛନ୍ତି। ଏହି ସୁଯୋଗରେ କେନ୍ଦ୍ର ପରିଚାଳକମାନେ ଆବେଦନକାରୀଙ୍କୁ ଆର୍ଥିକ ଶୋଷଣ କରୁଛନ୍ତି। ଫୋନ ନମ୍ବର ଲିଙ୍କ କରିବା ଓ କାର୍ଡରେ ତ୍ରୁଟି ସୁଧାରିବା ପାଇଁ କେନ୍ଦ୍ରଗୁଡ଼ିକରେ ୧୦୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରାଯାଉଛି। ସ୍ଥଳ ବିଶେଷରେ ତାହାଠାରୁ ଅଧିକା ଟଙ୍କା ଆଦାୟ କରାଯାଉଛି। ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଦେୟଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏସବୁପରେ ହିତାଧିକାରୀ ସେବାକେନ୍ଦ୍ରକୁ ଯାଇ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ। ଏଥିପାଇଁ ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତ ପାଇଁ କାର୍ଯ୍ୟ କରୁଥିବା ସେବା କେନ୍ଦ୍ରଗୁଡିକର ନାମ ସୁପାରିସ କରାଯାଇଛି। ସୁପାରିସ ହୋଇଥିବା ସେବା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନେକ କେନ୍ଦ୍ର ପଞ୍ଚାୟତ ପରିସରରେ କାର୍ଯ୍ୟ କରୁନାହାନ୍ତି। ଆଉ କେତେକ ସେବାକେନ୍ଦ୍ରରେ ଜନସାଧାରଣଙ୍କୁ ସେବା ଉପଲବ୍ଧ ହେଉନାହିଁ। ଅନ୍ୟପକ୍ଷରେ ଅଫଲାଇନ ମାଧ୍ୟମରେ ଅଙ୍ଗନୱାଡି କେନ୍ଦ୍ର କର୍ମୀମାନେ ହିତାଧିକାରୀଙ୍କ ଘରୁ ଆବେଦନ ଫର୍ମ ସଂଗ୍ରହ କରି ବ୍ଲକରେ ଦାଖଲ କରିବେ ବୋଲି କୁହାଯାଇଛି। ଦୈନିକ କେତେ ଫର୍ମ ସଂଗ୍ରହ ଓ ଦାଖଲ କଲେ ସେ ଦିଗରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ କେତେଜଣ ଅଙ୍ଗନୱାଡି କର୍ମୀ ଗ୍ରହଣ କରୁନାହାନ୍ତି। କେବଳ ଆବେଦନକାରୀଙ୍କୁ ଫର୍ମ ଯୋଗାଇ ଦେଇ ଚୁପ୍ ବସି ଯାଉଛନ୍ତି। ସୁଭଦ୍ରା ଆବେଦନ ପ୍ରକ୍ରିୟା ନିଶୁଳ୍କ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ତେବେ ଯୋଜନା ଆରମ୍ଭ ଦିନଠାରୁ ଆବେଦନ ପ୍ରକ୍ରିୟାରେ ଆବେଦନକାରୀଙ୍କୁ ଆର୍ଥିକ ବୋଝର ଶିକାର ହେବାକୁ ପଡୁଛି। ଏହାଛଡ଼ା ଅସଜଡ଼ା ଭିତ୍ତିଭୂମି ଉପରେ ଆବେଦନ ପ୍ରକ୍ରିୟା ନ୍ୟସ୍ତ କରାଯାଇଥିବାରୁ ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ପ୍ରକ୍ରିୟାରେ ପଞ୍ଚାୟତ କାର୍ଯ୍ୟାଳୟ ଓ ସରପଞ୍ଚମାନଙ୍କ ଭୂମିକାକୁ ଗୌଣ କରି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ତେଣୁ ନିୟମରେ କିଛି ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଯୋଜନା ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଯାହା ନିର୍ଦ୍ଦେଶ ରହିଛି ତାହାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।


ଆଧାର କେନ୍ଦ୍ରରେ ମହିଳାଙ୍କ ଲମ୍ବାଧାଡ଼ି।

■ ଅସଜଡ଼ା ଭିତ୍ତିଭୂମି ଯୋଗୁ ବିଳମ୍ବ ହେଉଛି ପଞ୍ଜୀକରଣ ପ୍ରକ୍ରିୟା
■ ନିୟମରେ ପରିବର୍ତ୍ତନ କରିବାକୁ ଦାବି

# ନିଆରା ମୂର୍ତ୍ତି କାରିଗର କାବୁ ମହାରଣା



ଚଢ଼େଇଧରା,୬।୯(ଦିଲୀପ ପରିଡ଼ା)

ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ ହୁଏ। ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା କାଳୀପୂଜା ବିଭିନ୍ନ ସ୍ଥାନରେ ପାଳନ କରାଯାଏ। ଏଥିପାଇଁ ମୂର୍ତ୍ତି ଆବଶ୍ୟକ ପଡ଼େ। ତେଣୁ ମୂର୍ତ୍ତି କାରିଗର କଞ୍ଚାମାଲ ଯୋଗାଡ଼ କରି ଦିନରାତି ଏକ କରି ମୂର୍ତ୍ତି ତିଆରି କରନ୍ତି। ଏଭଳି ଜଣେ ନିଆରା ମୂର୍ତ୍ତି କାରିଗର ହେଉଛନ୍ତି କାବୁ ମହାରଣା। ପିଲା ଦିନରୁ ସେ ମୂର୍ତ୍ତି ଗଢୁଛନ୍ତି। ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଗଡ଼ମଧୁପୁରଠାରେ ତାଙ୍କ ଘର। ସେ ପିଲା ଦିନରୁ ତାଙ୍କ ମାମୁଘର ଖଣ୍ଡପଡ଼ାରେ ରହି ମୂର୍ତ୍ତି କାମ ଶିଖିଛନ୍ତି। ଏବେ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଉଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ ଭାବରେ ମିଳୁନାହିଁ। ମୂର୍ତ୍ତି ଗଢ଼ିବା ପାଇଁ ମାଟି, ବାଉଁଶ, ସୁତୁଲି, କଣ୍ଟା କାଠପଟା ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡ଼ିଥାଏ। ମୂର୍ତ୍ତିଗୁଡ଼ିକ ଗଡ଼ମଧୁପୁର, କୁକୁଡ଼ାଖାଳେଇ, ଭୁବନପୁର, ଚଢ଼େଇଧରା, ବରଡ଼ା, ମହିଶରା, ଡଙ୍କାରୀ, ଆରୁହା, କମାଗଡ଼, ବାରମାଣ, ନିହଲପସାଦ ଓ ବାଲିସାହି ଆଦି ଅଞ୍ଚଳରେ ବିକ୍ରି କରାଯାଏ। ଏଠାରୁ ଦୂରଦୂରାନ୍ତରୁ ଲୋକ ଆସି ବିଭିନ୍ନ ମୂର୍ତ୍ତି କିଣି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରୁ ତାଙ୍କର ତେଲ ଲୁଣ ସଂସାର ଚଳେ ବୋଲି କାବୁ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଅନେକ ମୂର୍ତ୍ତି କାରିଗର ଅଛନ୍ତି। ମାତ୍ର ସେମାନଙ୍କ ଆର୍ଥିକ ସମ୍ବଳ ଭଲ ନ ଥିବାରୁ ଦୁଃଖରେ ଦିନ କାଟୁଛନ୍ତି। ଯଦି ସରକାର ସେମାନଙ୍କ ପାଇଁ କିଛି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ କାରିଗରମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

# ବୀମା ସପ୍ତାହରେ ୨୪ ୟୁନିଟ ରକ୍ତ ସଂଗ୍ରହ

ଯାଜପୁର ରୋଡ୍, ୬।୯ (ପବିତ୍ର ରଞ୍ଜନ ମହାନ୍ତି)

ବୀମା ସପ୍ତାହ ପାଳନ ଅବସରରେ ଯାଜପୁର ରୋଡ୍ ଏଲଆଇସି କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜୀବନବୀମା ଏଜେଣ୍ଟ ସମନ୍ୱୟ ଓ ସାମାଜିକ ସେବା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସଙ୍ଗଠନ ସଭାପତି ଦୁର୍ଯ୍ୟୋଧନ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ଯାଜପୁର ରୋଡ୍ ଏଲଆଇସି ଶାଖା ପରିଚାଳକ ଗତିକୃଷ୍ଣ ପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଯାଜପୁର ରୋଡ କ୍ଷେତ୍ରୀୟ ଚିକିତ୍ସାଳୟର ଡା. ଗୌତମ ସାହୁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ଶାଖାରେ କାର୍ଯ୍ୟରତ ଏଜେଣ୍ଟମାନେ ରକ୍ତଦାନ କରିଥିଲେ। ସମ୍ପାଦକ ଶ୍ରୀଧର ଦାସ, ବରିଷ୍ଠ ଏଜେଣ୍ଟ ମାନଗୋବିନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମୂଲ୍ୟ କାମାର ଦାଶ, ଉପସଭାପତି ଉଦୟ ନାୟକ, ସହସମ୍ପାଦକ ଅମରେଶ ମିଶ୍ର, ଅନିରୁଦ୍ଧ ମିଶ୍ର, ଜୟରାମ ସାହୁ, ପ୍ରମୋଦ କୁମାର ପାଢ଼ୀ, ଦିଲୀପ କୁମାର ସାହୁ, ବରିଷ୍ଠ ଏଜେଣ୍ଟ ଅଇଁଠୁ ସାହୁ, ନରେନ୍ଦ୍ର ସାହୁ, ଧରଣୀଧର ସାମଲ, ଅଶୋକ କୁମାର ଓଝା, ପ୍ରଦୀପ କୁମାର କର, ଅଲେଖ ନାୟକ, ମନମୋହନ ପ୍ରଧାନ ନିରାକାର ସାହୁ ଓ ମନୋଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ରୋଡ୍ ଏଲ୍ଆଇସି କାର୍ଯ୍ୟାଳୟ ଏବଂ ସ୍ଥାନୀୟ କ୍ଷେତ୍ରୀୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କ ତରଫରୁ ସମସ୍ତ ସହାୟତା ଯୋଗାଇ ଦିଆଯାଇଥିଲା।

# ପିଲାଙ୍କ ପାଇଁ 'ଭଲ, ଖରାପ ସ୍ପର୍ଶ' ଉପରେ ସଚେତନତା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର।

କାଳିଆପାଣି,୬।୯(ଅସିତ ମହାନ୍ତ)

ଟାଟାଷ୍ଟିଲ୍ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମଡି) ପକ୍ଷରୁ କମ୍ପାନୀର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ପିଲାମାନଙ୍କ ପାଇଁ 'ଭଲ ଓ ଖରାପ ସ୍ପର୍ଶ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅସୁରକ୍ଷିତ ପରିସ୍ଥିତି ତଥା ଅନୁପଯୁକ୍ତ ବ୍ୟବହାର ନେଇ ଛୋଟ ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଭିଜ୍ଞ ଶିଶୁ ମନୋବିଜ୍ଞାନୀ ବିକାଶ ତୋଡରାଜକା ଏହି ଅଧିବେଶନ ପରିଚାଳନା କରିବା ସହ ପିଲାମାନଙ୍କୁ ଶାରିରୀକ ଉପଯୁକ୍ତ ଓ ଅନୁପଯୁକ୍ତ ସ୍ପର୍ଶ ଭିତରେ ଥିବା ପ୍ରଭେଦ ନେଇ ସଚେତନ କରିଥିଲେ। ଏହି ଅଧିବେଶନରେ ସେ ବୟସ ଉପଯୋଗୀ ଓ ଅନୁପଯୋଗୀ ଆଚରଣ ବିଷୟରେ ମଧ୍ୟ ପିଲାମାନଙ୍କୁ ବୁଝାଇଥିଲେ। ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଥିଲେ, ଏକ ଦାୟିତ୍ୱବାନ କର୍ପୋରେଟ ସଂସ୍ଥା ଭାବେ ଶିଶୁ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି, ଯାହା ଆମ ଭବିଷ୍ୟତ ପିଢ଼ିଙ୍କୁ ସୁରକ୍ଷିତ ଭାବେ ଆଗକୁ ବିବା ପାଇଁ ସହାୟକ ହେବ। କାର୍ଯ୍ୟକ୍ରମରେ ପିଲାମାନଙ୍କ ସହିତ ସେମାନଙ୍କ ଅଭିଭାବକ, ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ପରେ ଏକ ପ୍ରଶ୍ନୋତ୍ତର ଅଧିବେଶନ ଆୟୋଜନ କରାଯାଇଥିଲା। ଯେଉଁଥିରେ ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକମାନଙ୍କୁ ନିଜ ସମସ୍ୟା ବିଷୟରେ ସ୍ୱର ଉଠାଇବାକୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ଏଫ୍ଏଏମ୍ଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ସୁକିନ୍ଦା ଖଣି ମୁଖ୍ୟ ଦେବରାଜ ତିୱାରୀ, ସାରୁଆବିଲ ଓ କମର୍ଦ୍ଧା ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଚର୍ସ କ୍ଲବ୍‌ର ବକ୍ତୃତା ପ୍ରତିଯୋଗିତା

ସିଂହପୁର,୬।୯(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ୍ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ବାଳମୁକୁନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷକ ପବିତ୍ର ମୋହନ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ ପୂର୍ବକ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା ଓ ଟିଚର୍ସ କ୍ଲବ୍‌ର ସମ୍ପାଦକ ସରୋଜ କୁମାର ମଲ୍ଲିକ ବକ୍ତୃତା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିମନ୍ୟୁ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ଚତୁର୍ଭୁଜ ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ବେହେରା ଓ ସୁରେନ୍ଦ୍ର କୁମାର ପତି ଯୋଗଦେଇ ଛାତ୍ରୀଛାତ୍ର ପ୍ରତିଯୋଗୀ ମାନସିକତା ନେଇ ଜୀବନରେ ଅଗ୍ରସର ହେବାକୁ କହିଥିଲେ। ଟିଚର୍ସ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକ, ଉପଦେଷ୍ଟା ପ୍ରମୋଦ କୁମାର ସାମଲ, ଶିକ୍ଷାବିତ୍ ରବିନାରାୟଣ ସାମଲ, ଶିକ୍ଷୟିତ୍ରୀ ଟିଂକିଲତା ବେହେରା, ପ୍ରଜ୍ଞାପ୍ରତିଷ୍ଠା ସାହୁ ଓ ସୁଜାତା ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷାବିତ୍ କଳାକାର ପାତ୍ର, ରବୀନ୍ଦ୍ର କୁମାର ଦାସ, ରାମଚନ୍ଦ୍ର ନାୟକ ଓ ବିଷ୍ଣୁ ଚରଣ ସାମଲ ବିଚାରକ ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ଅକ୍ଷୟ କୁମାର ସେଠୀ, ଭାରତ ଭୂଷଣ ମଲ୍ଲିକ, ଅଶୋକ କୁମାର ଆଟୋଇ, ଗଙ୍ଗାଧର ବାରିକଙ୍କ ସମେତ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। କ୍ଲବର ଉପସଭାପତି ଉମେଶ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।


ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

# ବୁଢ଼ାନଦୀରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମିଳିଲା

ଯାଜପୁର ସଦର,୬।୯(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ବୁଢ଼ା ନଦୀରେ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ବିଞ୍ଝାରପୁର ନିକଟ ଖରସ୍ରୋତା ନଦୀରୁ ଶୁକ୍ରବାର ଜବତ କରାଯାଇଛି। ମୃତକ ହେଲେ ସଠିପୁର ଗ୍ରାମର ଲକ୍ଷ୍ମୀଧର ଜେନା(୫୯)। ଗୁରୁବାର ମଧ୍ୟାହ୍ନରେ ସେ ବୁଢ଼ା ନଦୀରେ ଭାସିଯାଇଥିଲେ। ଲୋକେ ତାଙ୍କୁ ଖୋଜାଖୋଜି କରିବା ସହ ନିକଟ ଅଗ୍ନିଶମ ସେବା ବାହିନୀକୁ ଫୋନ ଯୋଗେ ଜଣାଇଥିଲେ। ଯାଜପୁର ଅଗ୍ନିଶମ ସେବା ବାହିନୀ ପହଞ୍ଚି ଖୋଜାଖୋଜି ଜାରିରଖିଥିଲେ। ଯାଜପୁର ସଦର ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲା। ତେବେ ବାଲି ମାଫିଆଙ୍କ ଯୋଗୁ ଏହି ଘାଟରେ ଗତ ଦୁଇ ବର୍ଷ ମଧ୍ୟରେ ୫ ମୂଲ୍ୟବାନ ଜୀବନ ଯାଇଥିବା ଲୋକେ ଅଭିଯୋଗ କରିବା ସହ ଉତ୍ତେଜିତ ହୋଇଥିଲେ। ଏସବୁ ଘଟଣା ପାଇଁ ଲୋକେ ପୋଲିସକୁ ଦାୟୀ କରିଥିଲେ।

# ଚକ୍ଷୁ ଚିକିତ୍ସା ଶିବିର ସମନ୍ୱୟ ବୈଠକ

କଳିଙ୍ଗନଗର,୬।୯(ଶୁଭାଶିଷ ରାଉତ)

ଦାନଗଦୀ ଓ ସୁକିନ୍ଦା ଅଞ୍ଚଳରେ ପ୍ରତିରୋଧ ଯୋଗ୍ୟ ଦୃଷ୍ଟିହୀନତା ବିରୋଧରେ ସୁଲଭ ସ୍ୱାସ୍ଥ୍ୟସେବା ଏବଂ ଚକ୍ଷୁସେବାର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସଏଫ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପକ୍ଷରୁ କଳିଙ୍ଗନଗରସ୍ଥିତ ଏକ ହୋଟେଲରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ଜିଲା ଦୃଷ୍ଟିହୀନ ନିୟନ୍ତ୍ରଣ ସୋସାଇଟି(ଡିବିସିଏସ)ର ପ୍ରତିନିଧି, କ୍ରିଷ୍ଣା ଚକ୍ଷୁ ହସ୍ପିଟାଲ, ଭୂମିକା ଚକ୍ଷୁ ହସ୍ପିଟାଲ, ସୁଶ୍ରୁତା ହସ୍ପିଟାଲ ଓ ମାରୁଫ ଚକ୍ଷୁ ଓ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ସମେତ ଅଞ୍ଚଳର ପ୍ରମୁଖ ଚକ୍ଷୁ ଚିକିତ୍ସାଳୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ଦୃଷ୍ଟିହୀନ ନିୟନ୍ତ୍ରଣ ସୋସାଇଟି (ଡିବିସିଏସ), ସମସ୍ତ ସ୍ଥାନୀୟ ଚକ୍ଷୁ ଚିକିତ୍ସାଳୟର ପ୍ରତିନିଧି ଏବଂ ଦାନଗଦୀ ଓ ସୁକିନ୍ଦା ବ୍ଲକର ମେଡିକାଲ ଅଫିସରଙ୍କୁ ନେଇ ଏକ 'ଷ୍ଟିୟରିଂ କମିଟି' ଗଠନ କରି ମୋତିଆବିନ୍ଦୁ ସ୍କ୍ରିନିଂ କାର୍ଯ୍ୟର ତଦାରଖ କରିବେ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଦାନଗଦୀ ଓ ସୁକିନ୍ଦା ବ୍ଲକରେ ମୋତିଆବିନ୍ଦୁ ପାଇଁ ୨୭୩୯ ସ୍କ୍ରିନିଂ କରାଯାଇ ୪୦୧ ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଟାଟା ଷ୍ଟିଲ ଫାଉଣ୍ଡେସନ ୩୩୦ ଜଣ ବ୍ୟକ୍ତିଙ୍କ ସଫଳ ଅସ୍ତ୍ରୋପଚାର କରିପାରିଛି। ଏହା ସ୍ଥାନୀୟ ଅଞ୍ଚଳରେ ଚକ୍ଷୁ ସେବାରେ ଉନ୍ନତି ଆଣିବାରେ ଟିଏସଏଫର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି କୁହାଯାଉଛି।

# ଓଡ଼ିଆ ପତ୍ରପତ୍ରିକା ବିକାଶ, ବିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଧର୍ମଶାଳା,୬।୯(ବଟକୃଷ୍ଣ ପରିଡ଼ା)

ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀର ବିଶେଷ ଅଧିବେଶନ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ପତ୍ରପତ୍ରିକା ବିକାଶ, ବିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଉତ୍ସବକୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ସଂଘମିତ୍ରା ବେହେରାଙ୍କ ପୌରୋହିତ୍ୟରେ ଅଧ୍ୟାପକ ଡ. ଅରବିନ୍ଦ ଦାସ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ଓ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ରବୀନ୍ଦ୍ର ବିହାରୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ଉପସଭାପତି ଡ. ତୁହିନାଂଶୁ ରଥ ପତ୍ରପତ୍ରିକା ପ୍ରକାଶନରେ ଗୋକର୍ଣ୍ଣିକାର ଭୂମିକା ସମ୍ପର୍କରେ କହିଥିଲେ। ସମ୍ପାଦକ ଅଧ୍ୟାପକ ମହେଶ୍ୱର ପାଢ଼ୀ ଅନୁଷ୍ଠାନ ଓ ସମ୍ମାନ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାଶ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ରାଜକୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଏସ୍ କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଗୌତମ ଜେନା ଆଲୋଚନା ଚକ୍ରର ନିଷ୍କର୍ଷ ଉପସ୍ଥାପନ କରିଥିଲେ। ପ୍ରଫେସର ବିଜୟ କୁମାର ଶତପଥୀ, ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର, ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ଡ. ଆଦିତ୍ୟ ପ୍ରତାପ ଧଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ନାତକୋତ୍ତର ଅଧ୍ୟାପିକା ଦମୟନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଚଣ୍ଡିଖୋଲ,୬।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ପଞ୍ଚାୟତ ମହିପୁର ଗ୍ରାମରେ ଶୁକ୍ରବାର ଭୋର ସମୟରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହିପୁର ଗ୍ରାମର ଗୋବିନ୍ଦ ମଲ୍ଲିକ(୭୦)। ଗୋବିନ୍ଦ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ପୋଖରୀ ହୁଡ଼ାରେ ତାଙ୍କର ବାଡ଼ି ଓ ଟର୍ଚ୍ଚ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ଏଥିସହିତ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ପୋଖରୀରୁ ଗୋବିନ୍ଦଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତିର ତଦନ୍ତ

ବରୀ,୬।୯(ମହେନ୍ଦ୍ର ସ୍ୱାଇଁ)

ବରୀବ୍ଲକ୍‌ଅଧୀନଗମୁପଞ୍ଚାୟତରେମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେବାପରେ ଶୁକ୍ରବାର ତଦନ୍ତ ଆରମ୍ଭ ହୋଇଛି। ଯୋଜନାର ବରିଷ୍ଠ ଅଧିକାରୀ ସୁନୀଲ କୁମାର ସିଂ, ପାନୀୟ ଜଳ ଯୋଗାଣର ନିର୍ବାହୀ ଯନ୍ତ୍ରୀ ରଶ୍ମିରଂଜନ ମାଝୀ, କନିଷ୍ଠ ଯନ୍ତ୍ରୀ ଅଶୋକ ମହାପାତ୍ର ଆସି ତଦନ୍ତ କରିଛନ୍ତି। ତଦନ୍ତବେଳେ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

ଏଠାରେ ମୋଟ୍ ୨୨ ପ୍ରକଳ୍ପ ଉପରେ ଅଭିଯୋଗ ହୋଇଥିବାବେଳେ ଅଧିକାରୀମାନେ ୧୬ ପ୍ରକଳ୍ପର ନଥିପତ୍ର ଜବତ କରିବା ସହିତ ତଦନ୍ତ ସାରି ଫେରି ଯାଇଛନ୍ତି। ତଦନ୍ତ ସମୟରେ ଗମୁ ସରପଞ୍ଚ ଜଗଦୀଶ ଜେନା ଓ ଅଭିଯୋଗକାରୀ ପୂର୍ବତନ ସରପଞ୍ଚ ସନ୍ତୋଷ ନାୟକ, ହେମନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପରିଡ଼ା, ଉଦୟନାଥ ଜେନା, ସନ୍ନ୍ୟାସୀ ଜେନା, ମାଗୁଣି ଯେନା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ବେଆଇନ କାର୍ଯ୍ୟ କରି ବିପୁଳ ଟଙ୍କା ଠକି ନେଇଛନ୍ତି ବୋଲି ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଅନେକ ଲୋକ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗମୁ ସରପଞ୍ଚଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ମୁତାବକ ନଥିପତ୍ର ତଦନ୍ତକାରୀ ଅଧିକାରୀଙ୍କୁ ଦିଆଯାଇଛି। ମାତ୍ର ଆମ ପଞ୍ଚାୟତରେ କୋଣସି ଦୁର୍ନୀତି ହୋଇନାହିଁ। ବ୍ଲକ ଅଧୀନ ୨୯ ପଞ୍ଚାୟତରେ ଏହି ଯୋଜନାରେ ବହୁ ମୃତ ବ୍ୟକ୍ତି, ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧା କାର୍ଯ୍ୟ କରିଥିବା ଦର୍ଶାଯାଇ ବିପୁଳ ଟଙ୍କା ଉଠାଯାଇଥିବା ଅଭିଯୋଗ କରାଯାଇଛି। ବିଶେଷ କରି ଗୋଟିଏ ପ୍ରକଳ୍ପ ଉପରେ ୨ରୁ୩ ଥର ନାମ ପରିବର୍ତ୍ତନ କରାଯାଇ ଅର୍ଥ ହଡ଼ପ କରାଯାଇଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।


ଅଧିକାରୀମାନେ ଗମୁ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ କରୁଛନ୍ତି।

# ପର୍ଯ୍ୟଟନସ୍ଥଳ ଅପେକ୍ଷାରେ ବିଲ ମହାଦେବ ମନ୍ଦିର

## ଦେବୋତ୍ତର ବିଭାଗକୁ ହସ୍ତାନ୍ତର ଦାବି

ମହାକାଳପଡ଼ା, ୬ା୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)





କଳପଡ଼ା ମୌଜାର ବିଲ ମହାଦେବ ନୀଳକଣ୍ଠେଶ୍ୱର ମନ୍ଦିର, ଚନ୍ଦନ ପୋଖରୀ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଶେଷ ସୀମା କଳପଡ଼ା ମୌଜା ଓ ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳି ମୌଜା ସନ୍ନିକଟରେ ଅବସ୍ଥିତି ଶୈବ ପୀଠ ବିଲ ମହାଦେବ ( ନୀଳକଣ୍ଠେଶ୍ୱର) ମନ୍ଦିର । କେଉଁ ଆବହମାନ କାଳରୁ ଏହି ଶୈବ ପୀଠ ବିଲ ମହାଦେବ ନୀଳକଣ୍ଠେଶ୍ୱର ଭାବେ ପୂଜା ପାଉଛନ୍ତି। ଏହି ଶୈବ ପୀଠ ପାଇଁ ତତ୍କାଳୀନ କୁଜଙ୍ଗ ରାଜା ମନ୍ଦିର ପରିଚାଳନା ପାଇଁ ଶହେ ଏକରରୁ ଅଧିକ ଦୋ ଫସଲି ଜମି ଖଞ୍ଜି ଦେଇଥିଲେ। ମନ୍ଦିରର ଦୈନିକ ନୀତିକାନ୍ତି ପୂଜାର୍ଚ୍ଚନା ପାଇଁ ସ୍ଥାନୀୟ କଳପଡ଼ା ମୌଜାର ବ୍ରାହ୍ମଣ ବା ସେବାୟତମାନଙ୍କୁ ରାଜା ନିୟୋଜିତ କରିଥିଲେ। ଏହି ପ୍ରାଚୀନ ପୀଠର ଉନ୍ନତିମୂଳକ କାର୍ଯ୍ୟ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ। ବଳିପାଳ ପଞ୍ଚାୟତ ପକ୍ଷରୁ ୫ବର୍ଷ ପୂର୍ବେ ଏକ ପାର୍କ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ପ୍ରଦାନ କରିଥିଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ହୋଇପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଦେଉଳପଡ଼ାଠାରେ ପ୍ରଭୁ ଗଜେଶ୍ୱର ମହାଦେବ ମନ୍ଦିର ହଜାରେ ବର୍ଷ ପୂର୍ବେ ନିର୍ମାଣ କାର୍ଯ୍ୟ ହୋଇଥିବା କୁଜଙ୍ଗ ଦେବୋତ୍ତର ଇଷ୍ଟେଟରେ ଉଲ୍ଲେଖ ରହିଛି ବୋଲି ସେବାୟତ ନିରଞ୍ଜନ ମିଶ୍ରଙ୍କ ପକ୍ଷରୁ ସୂଚନା ମିଳିଛି। ସେହିପରି କଳପଡ଼ା ମୌଜାର ବିଲ ମହାଦେବ ନୀଳକଣ୍ଠେଶ୍ୱର ମନ୍ଦିର, ବିଜୟନଗର ମୌଜାର ପ୍ରଭୁ ଗର୍ଭେଶ୍ୱର ମନ୍ଦିର, ପଟ୍ଟାମୁଣ୍ଡାଇ ଚନ୍ଦନନଗର ମୌଜାର ଚନ୍ଦ୍ରମୌଳି ଓ କାଠିଆପଡ଼ାଠାରେ ପ୍ରଭୁ ଦକ୍ଷିଣେଶ୍ୱର ଶୈବପୀଠ ଅନ୍ୟତମ। ଏହି ୫ ଶୈବପୀଠର ମହାଦେବ ୫ ଭାଇ ବୋଲି ଜନଶ୍ରୁତିରୁ ଶୁଣିବାକୁ ମିଳେ। ଏହି ପ୍ରାଚୀନ ଶୈବପୀଠରେ ବର୍ଷ ସାରା ପୂଜା ପାର୍ବଣ ପାଳିତ ହୋଇଥାଏ। ବିଶେଷକରି ମହାଶିବରାତ୍ରି, ପୂର୍ଣ୍ଣିମା, ସଂକ୍ରାନ୍ତି, କାର୍ତ୍ତିକ ମାସରେ ବଡ଼ଓଷା ଓ ଅନ୍ୟ ପର୍ବପର୍ବାଣିରେ ମାନସିକ ବ୍ରତଧାରୀମାନେ ପୀଠରେ ଦର୍ଶନ ନିମନ୍ତେ ଭିଡ଼ ଜମାଇଥାନ୍ତି। କିମ୍ବଦନ୍ତୀ ଅନୁସାରେ ବିଲ ମହାଦେବଙ୍କ ବହୁ ଅଲୌକିକ ଘଟଣା ରହିଛି। ଏହି ଶୈବପୀଠ ସମ୍ପର୍କରେ ଜନୈକ ରାଜ୍ୟ ପ୍ରତ୍ନତତ୍ତ୍ୱବିତ୍ ଅଧିକାରୀ ଏହି ୫ ମନ୍ଦିର ମଧ୍ୟରେ ସର୍ବ ପୁରାତନ ଗଜେଶ୍ୱର ମହଦେବଙ୍କ ମନ୍ଦିର ପରିଦର୍ଶନରେ ଆସିଥିବା ଅବସରରେ କହିଥିଲେ। ସେହିପରି ପ୍ରାଚୀନ କାଳର ବିଲ ମହାଦେବ ନୀଳକଣ୍ଠେଶ୍ୱର ଶୈବ ପୀଠକୁ ପର୍ଯ୍ୟଟନସ୍ଥଳ ଘୋଷଣା କରିବାକୁ ବୁଦ୍ଧିଜୀବୀ ତଥା ସାମାଜିକ କର୍ମୀ, ବିଭିନ୍ନ ସରକାରୀ ବେସରକାରୀ ଫୋରମରେ କାର୍ଯ୍ୟ କରୁଥିବା ଇଞ୍ଜିନିୟର ଗୌତମ କୁମାର ବେହେରା ୨ ସପ୍ତାହ ପୂର୍ବେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ଏକ ପତ୍ର ଲେଖିଥିଲେ। ଏହି ପତ୍ରକୁ ବିଚାରକୁ ନେଇ ବିଭାଗୀୟ ଅତିରିକ୍ତ ସଚିବ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ନୂତନ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପ୍ରଦାନ ପାଇଁ ଜିଲାସ୍ତରୀୟ କମିଟିର ସୁପାରିସ ଆବଶ୍ୟକ। ଏହି ପ୍ରାଚୀନ କ୍ଷେତ୍ରର ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ ପାଇଁ ପ୍ରଚଳିତ ପରିବର୍ତ୍ତନ ନିୟମାବଳୀ ସଂଖ୍ୟା ୭୦୧୦/ପର୍ଯ୍ୟଟନ ୧୭ା୭ା୧୭ ଅନୁଯାୟୀ ସମ୍ପୃକ୍ତ ଜିଲାପାଳଙ୍କଠାରୁ ବିଧିବଦ୍ଧ ପ୍ରସ୍ତାବ ହସ୍ତଗତ ହେଲେ ସରକାର ବିଚାରକୁ ନେବେ ବୋଲି ଅତିରିକ୍ତ ସଚିବ ପ୍ରେରଣ କରିଥିବା ୩ା୯ା୨୪ ପତ୍ରରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ଗୌତମ କୁମାର ବେହେରା କହିଛନ୍ତି, ଜିଲା ପ୍ରଶାସନ ଦୃଷ୍ଟି ଆଢୁଆଳରେ ପ୍ରାଚୀନ ଶୈବ ପୀଠ ବିଲ ମହାଦେବ ନୀଳକଣ୍ଠେଶ୍ୱର ମନ୍ଦିର ରହିଛି। ଜିଲାର ଅନ୍ୟ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଉଥିବାବେଳେ ଏହି ପୀଠକୁ ଜିଲା ପ୍ରଶାସନ ଉପେକ୍ଷିତ କରୁଛନ୍ତି। ଏହି ପୀଠ ଉପରେ ଏକ ଡକ୍ୟୁମେଣ୍ଟାରି ଭିଜନ ପ୍ରସ୍ତୁତ କରି ଜିଲା ପ୍ରଶାସନ ପକ୍ଷରୁ ପ୍ରାଚୀନ ଶୈବ ପୀଠ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ସେ ଦାବି କରିଛନ୍ତି। ଏହି ଶୈବପୀଠକୁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗରେ ସାମିଲ କରି ପର୍ଯ୍ୟଟନସ୍ଥଳ ମାନ୍ୟତା ମିଳିଲେ ବହୁ ପ୍ରାଚୀନ କାଳର ତଥ୍ୟ ଲୋକଲୋଚନକୁ ଆସିବ ବୋଲି ମତବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କୁ ପଚାରିବାରେ ନିର୍ବାଚନମଣ୍ଡଳୀରେ ପ୍ରାଚୀନ କାଳର ଶୈବପୀଠ ବିଲ ମହାଦେବ ନୀଳକଣ୍ଠେଶ୍ୱର ମନ୍ଦିର ସମେତ ଅନ୍ୟ ସ୍ଥାନରେ ଥିବା ପୀଠର ଉନ୍ନତିମୂଳକ କାର୍ଯ୍ୟ ଓ ପର୍ଯ୍ୟଟନସ୍ଥଳ ମାନ୍ୟତା ପ୍ରଦାନ ପାଇଁ ଚଳିତ ମୌସୁମୀ ବିଧାନସଭା ଅଧିବେଶନରେ ଉତ୍ଥାପନ କରାଯିବ ବୋଲି ସେ କହିଛନ୍ତି।

# ମେରୁଦଣ୍ଡ ଆଘାତ ଜୀବନକୁ ଦୁର୍ବିଷହ କରିଦିଏ

କେନ୍ଦ୍ରାପଡ଼ା, ୬ା୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଅନୁଷ୍ଠାନ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ବୀରେନ୍ଦ୍ର କୁମାର ଦାସ, ଡା. ମୋନାଲି ମଧୁସ୍ମିତା, ଫିଜିଓ ଥେରାପିଷ୍ଟ ରଚିତା ଜେନା, ଡିଏସ୍ଏସ୍ଓ ରୂପାଲୀ ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ମେରୁଦଣ୍ଡ ଆଘାତ ଜନିତ ଦୁର୍ଘଟଣା ପୀଡିତଙ୍କ ଜୀବନକୁ ଦୁର୍ବିଷହ କରି ଦେଇଥାଏ। ମାଡ଼ଗୋଳ, ପଡ଼ିଯିବା, ଗୁଳି ବାଜିବା, ଶିଳ୍ପ ଦୁର୍ଘଟଣା, ଖେଳ ଓ ଗାଡ଼ି ଦୁର୍ଘଟଣାରେ ମେରୁଦଣ୍ଡ ଆଘାତ ହେବାର ସମ୍ଭାବନା ଅଛି। ସେହିପରି ଟ୍ୟୁମର, ପୋଲିଓ ସହ ଅନ୍ୟ କେତେକ ରୋଗ ମେରୁଦଣ୍ଡର କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଇଥାଏ। ଶରୀରର ମେରୁଦଣ୍ଡ ଅଚଳରେ ସାମାଜିକ ସୁରକ୍ଷା ସହ ଅର୍ଥନୈତିକ ବିପଦରେ ପଡ଼ିଥାଏ। ମେରୁଦଣ୍ଡ ଆଘାତ ଜନିତ ଜୀବନ ଦୁର୍ବିଷହ ହେବା ଘଟଣା ସଂଖ୍ୟା ଏବେ ପ୍ରତିଦିନ ବଢୁଛି। ସଚେତନତା ଏହାର ପ୍ରାଥମିକତା ହେଲେ ମଧ୍ୟ କେତେକ କ୍ଷେତ୍ରରେ ଡାକ୍ତରଙ୍କ ଚିକିତ୍ସା, ଫିଜିଓଥେରାପି ଆଦିରେ କିଛିମାତ୍ରାରେ ଉପଶମ ହୋଇପାରିବ। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ନୀତି ପ୍ରଣୟନ କରି କାର୍ଯ୍ୟକାରୀ କରୁଛନ୍ତି। ଏହି ଅବସରରେ ମେରୁଦଣ୍ଡ ଆଘାତ ଜନିତ କାରଣରୁ ମୂତ୍ରାଶୟ ପରିଚାଳନାରେ ଅକ୍ଷମତା ଥିବା କେତେଜଣ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ କିଟ୍ ପ୍ରଦାନ କରାଯାଇଥିଲା। ଏହି ସଭାକୁ ପୁନର୍ବାସର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ପାଳିତ ହେଉଛି।

# ଶୃଙ୍ଖଳିତ ପିଲା ଜୀବନରେ ଭଲ ମଣିଷ ହୁଅନ୍ତି

ଆଳି,୬ା୯ (ବନମାଳୀ ସେନାପତି)

ଜଣେ ଶୃଙ୍ଖଳିତ ପିଲା ଜୀବନରେ ଭଲ ମଣିଷଟିଏ ହୋଇଥାଏ ବୋଲି ମେଣ୍ଟପୁର ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଗୁରୁଦିବସ ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକମାନେ ଏହା ପ୍ରକାଶ କରିଛନ୍ତି। ମେଣ୍ଟପୁର ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା ପରିଷଦର ସଭାପତି ବନମାଳୀ ସେନାପତି, ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକ, ଶିକ୍ଷାବିତ୍ ବିଜୟ କୁମାର ବୋଇତି, ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ମିଶ୍ର, ସେକ୍ ତଫିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ଇଫତେକାର ଆଦିଲ, ପ୍ରମୋଦ ମଲ୍ଲିକ ମୋନାଲିସା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଶିକ୍ଷାରେ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିନା ଶୃଙ୍ଖଳାରେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ। ତେଣୁ ପ୍ରତ୍ୟେକ ଶିକ୍ଷାର୍ଥୀ ଶୃଙ୍ଖଳିତ ହେବା ଆବଶ୍ୟକ। ଯେଉଁମାନେ ଶିକ୍ଷା ଗ୍ରହଣ ସହ ଶୃଙ୍ଖଳାକୁ ଗ୍ରହଣ କରିଥାନ୍ତି ସେମାନେ ଜୀବନରେ ଭଲ ମଣିଷ ହୋଇଥାନ୍ତି।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଶିକ୍ଷା ସଚିବଙ୍କୁ ଲିଖିତ ଦାବିପତ୍ର



ନାଉଗାଁ,୬ା୯ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଶୁକ୍ରବାର କଲେଜ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଜରିଆରେ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଗଣତାନ୍ତ୍ରିକ ପଦ୍ଧତିରେ ଏହି କଲେଜରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହାଦ୍ୱାରା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିର୍ବାଚନରେ ଭାଗନେବା ସହ କଲେଜର ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ବୋଲି ସେମାନେ ଦାବିପତ୍ର ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସୌମ୍ୟସଞ୍ଜୀବ ଦାସ, ସୌଭାଗ୍ୟ ରଞ୍ଜନ ଜେନା, ସୁମନ୍ତ ଲେଙ୍କା ଓ ସୁଲିପ୍ତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ନଳକୂପ ଖନନ ପାଇଁ ବିଡିଓଙ୍କୁ ଦାବିପତ୍ର

ରାଜକନିକା, ୬ା୯ (ରବୀନ୍ଦ୍ର କୁମାର ଦାସ )




ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

ରାଜକନିକା ବ୍ଲକ ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ କାଞ୍ଜିଖାଇ ଗ୍ରାମବାସୀ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଭେଟି ନୂତନ ନଳକୂପ ଖନନ ପାଇଁ ଲିଖିତ ଦାବିପତ୍ର ଦେଇଛନ୍ତି। ଏହି ଗ୍ରାମରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ମାତ୍ର ଗୋଟିଏ ନଳକୂପ ଥିବାରୁ ପିଇବା ପାଣି ପାଇଁ ନଳକୂପ ପାଖରେ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ି ଦେବାକୁ ପଡୁଛି। ଲୋକଙ୍କୁ ପାଖ ଗାଁ ଖୁଲାରୀରୁ ଭାରରେ ଗରା ମାଠିଆରେ ପାଣି ଆଣିବାକୁ ପଡୁଛି। ତେବେ ଗାଁର ବିବେକାନନ୍ଦ ବେହେରା, ଗୌରହରି ବେହେରା, ହୀମାଦ୍ରି ବେହେରା, ପ୍ରହ୍ଲାଦ ସାମଲ, ହୃଷୀକେଶ ସାମଲ, ରବିନାରାୟଣ ସାମଲ, ବିକାଶ ଚନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବେହେରା, ଅର୍ଜୁନ ବେହେରା, ଦମୟନ୍ତୀ ବେହେରା, ବିନତି ସ୍ୱାଇଁ ପ୍ରମୁଖ ଲିଖିତ ଦାବିପତ୍ର ଦେଇଛନ୍ତି। ତେବେ ବିଡିଓ ପରିଡ଼ା ବିଭାଗୀୟ ଯନ୍ତ୍ରୀଙ୍କୁ ଡାକି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ରାଜନଗର ଆତ୍ମା କମିଟି ବୈଠକ

ରାଜନଗର, ୬ା୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପରସରରେ ଆତ୍ମା କମିଟିର ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ସହାୟତା କେଉଁମାନେ ପାଇଛନ୍ତି ସେ ନେଇ ଆଲୋଚନା ହୋଇଥିଲା। ଚାଷୀମାନେ ଯେପରି ଠିକ୍ ସମୟରେ ସବ୍‌ସିଡି ଋଣ ପାଇପାରିବେ ସେ ନେଇ ଆତ୍ମାର ଅଧ୍ୟକ୍ଷ ପ୍ରଧାନ କହିଛନ୍ତି। ବୈଠକରେ ବ୍ଲକ କୃଷି ଅଧିକାରୀ ଦେବବ୍ରତ ସେଠୀ, ସହକାରୀ ବ୍ଲକ କୃଷି ଅଧିକାରୀ ପଙ୍କଜ କୁମାର ମଲ୍ଲିକ, ଏଭିଏଏସ୍ ଡା. ପ୍ରକାଶ କୁମାର ଜେନା, ଏଏଫ୍ଓ ମୋନାଲିସା ରାଉତ, ମୃର୍ତ୍ତିକା ସଂରକ୍ଷଣ ବିଭାଗର କନିଷ୍ଠଯନ୍ତ୍ରୀ ଅସିତ୍ ଅଂଶୁମାନ ସାମଲ, ବିପିଏମ୍ ଶୈଳେନ୍ଦ୍ର କୁମାର ସ୍ୱାଇଁ, ଅଶୋକ କୁମାର ମହାନ୍ତି, ଅରୁଣ କୁମାର ସାହୁ, କଳ୍ପନା ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ

ରାଜକନିକା, ୬ା୯ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ଜୟନଗରର ପୁରାତନ ଛାତ୍ରୀଛାତ୍ରଙ୍କ ମିଳିତ ପ୍ରୟାସରେ ସୁବର୍ଣ୍ଣ ଜୟନ୍ତୀ ସଙ୍ଗଠନ ପକ୍ଷରୁ ଗୁରୁଦିବସରେ ଗୁରୁପୂଜନ ଓ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଗୁରୁମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ପୁରାତନ ଛାତ୍ରୀଛାତ୍ର ପୂଜା କରିଥିଲେ। ସଙ୍ଗଠନର ସଭାପତି ହରେଗୋବିନ୍ଦ ମଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବାଦଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଫକୀର ମୋହନ ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧୁନା ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତରାୟ, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀକାନ୍ତ ବଳ, ବେଣୁଧର ସାହୁ, ହରିହର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ସଙ୍ଗଠନର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତ, ସଙ୍ଗଠନର ସାଧାରଣ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଏସ୍‌ସିବିର ସେଣ୍ଟ୍ରାଲ୍ ରେଡକ୍ରସ ସହାୟତାରେ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପରିବେଶବିତ୍ ବିନୋଦ ନାୟକ, ସଙ୍ଗଠନର ଯୁଗ୍ମ ସମ୍ପାଦକ ଖଗେଶ୍ୱର ପଡ଼ିହାରୀ ଉପସ୍ଥିତ ଥିଲେ। ସମ୍ପାଦକ ବସନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ପଟ୍ଟାମୁଣ୍ଡାଇରେ ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୬ା୯ (କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବାଣିଜ୍ୟକର ବିଭାଗ ପକ୍ଷର ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଟକ ୨ ସହକାରୀ କମିଶନର ମୁକ୍ତି ରଞ୍ଜନ ଆଚାର୍ଯ୍ୟ, ଯୁଗ୍ମ କମିଶନର ରମେଶ ମଣ୍ଡଳ, ଜଗତ୍‌ସିଂହପୁର ଯୁଗ୍ମ କମିଶନର ଅକ୍ଷୟ ପଣ୍ଡା, କେନ୍ଦ୍ରାପଡ଼ା ଡେପୁଟି କମିଶନର ଅମରେନ୍ଦ୍ର ମହାଳିକ, ଟ୍ୟାକ୍ସ ବାର ଆସୋସିଏଶନ ପ୍ରେସିଡେଣ୍ଟ ପରେଶ ଦାସ ଓ ଉପଦେଷ୍ଟା ଆଇନଜୀବୀ ଦୁର୍ଯ୍ୟୋଧନ ରଥ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପ୍ରତ୍ୟେକ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗିବା ଓ ଏହାର ସରଳୀକରଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି ), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ କୁମାର ଭୂୟାଁ ପ୍ରମୁଖ ବହୁ କର୍ମକର୍ତ୍ତା ଓ ବ୍ୟବସାୟୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ଅନୁସୂଚିତ ଜାତି, ଜନଜାତି ସଂଘର ନୂତନ କର୍ମକର୍ତ୍ତା

ରାଜନଗର, ୬ା୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ରାଜନଗର ଶାଖାର ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ରାଜସ୍ୱ ପ୍ରଭୃତି ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ଯୋଗଦେଇ ଜିଲା ସଂଘର ନିର୍ଦ୍ଦେଶକ୍ରମେ ରାଜନଗର ବ୍ଲକ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବୈଲୋଚନ ଦାସ, କାର୍ଯ୍ୟକାରୀ ସଭାପତି କେଶବାନନ୍ଦ ସେଠୀ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସେଠୀ, ସହ ସମ୍ପାଦକ ଭାବେ ବିରାମ ସୋରେନ, ସଙ୍ଗଠନ ସମ୍ପାଦକ ଭାବେ ଉତ୍ତମ କୁମାର ମଲ୍ଲିକ, ଏମ୍ପ୍ଲୋମେଣ୍ଟ ସମ୍ପାଦକ ଭାବେ ବିବେକାନନ୍ଦ ମଲିକ, ସାଂସ୍କୃତିକ ସମ୍ପାଦକ ଭାବେ କିରତୀ କୁମାର ମଲିକ, ଅର୍ଥ ସମ୍ପାଦକ ଭାବେ ପରେଶ କୁମାର ମଲିକ, ସହ ସମ୍ପାଦକ ସଙ୍ଗଠକ ଭାବେ ନବୀନ କୁମାର ମଲିକ, ସହ ସମ୍ପାଦକ ସାଂସ୍କୃତିକ ଭାବେ ମହେନ୍ଦ୍ର କୁମାର ମଲିକ, ସହ ସମ୍ପାଦକ ଏମ୍ପ୍ଲୋମେଣ୍ଟ ଭାବେ ଚନ୍ଦ୍ରଶେଖର ହାସଁଦା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।

# ଆଧାର ସହ ମୋବାଇଲ ଲିଙ୍କ ପାଇଁ ୨ ଶହ ଟଙ୍କା କେନ୍ଦ୍ର ନେଉଛି

ରାଜକନିକା, ୬ା୯ (ସଞ୍ଜୟ କୁମାର ଦାଶ)



ପୋଷ୍ଟଅଫିସ୍‌ରେ ଲୋକଙ୍କ ଗହଳି।

ରାଜକନିକା ବ୍ଲକର ସୁଭଦ୍ରା ଯୋଜନାରେ ଆଧାର ସହ ମୋବାଇଲ ଲିଙ୍କ କରିବାକୁ ବିଭିନ୍ନ ଆଧାର କେନ୍ଦ୍ରଗୁଡ଼ିକରେ ମହିଳାମାନେ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଆପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଧାର ସହ ମୋବାଇଲ ଲିଙ୍କ ପାଇଁ ୫୦ଟଙ୍କା ଧାର୍ଯ୍ୟ ମୂଲ୍ୟ ରହିଥିବା ଗାଇଡଲାଇନ୍ ଜାରି କରିଥିବା ବେଳେ, ମହିଳାମାନଙ୍କ ଭିଡ଼କୁ ଦେଖି ଏହାର ସୁଯୋଗ ନେଇ ଆଧାର କେନ୍ଦ୍ର ଗୁଡ଼କ ୨ ଶହ ଟଙ୍କା ଲେଖାଏ ନେଉଥିବା ନେଇ ମହିଳାମାନେ ଅଭିଯୋଗ କରିଛନ୍ତି। ରିଜକନିକା ବ୍ଲକରେ ଥିବା ଆଧାର କେନ୍ଦ୍ରଗୁଡ଼ିକ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଯାହାକି ସରକାରଙ୍କ ପକ୍ଷରୁ କରାଯାଇଥିବା ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ। ୩ ଦିନ ହେବ ଶତାଧିକ ମହିଳାଙ୍କଠାରୁ ଆଧାର କେନ୍ଦ୍ରଗୁଡ଼ିକ ଟଙ୍କା ଠକି ନେଉଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କୁ ପଚାରିବାରେ ଏକ ସ୍କ୍ୱାଡ୍ ଗଠନ କରଯାଇଛି। ଯେଉଁମାନେ ଅଧିକ ଟଙ୍କା ନେଉଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିପଦକୁ ହାତଠାରି ଡାକୁଛି ସିଙ୍ଗିରି ପରିବା ହାଟ

ଆଳି, ୬ା୯ (ବନମାଳୀ ସେନାପତି)



କଟକ-ଚାନ୍ଦବାଲି ରାଜପଥ କଡ଼ରେ ଚାଲିଥିବା ସିଙ୍ଗିରି ପରିବା ହାଟ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସିଙ୍ଗିରି ବଜାର ଉପରେ ଚାଲିଥିବା ପରିବା ହାଟ ଲୋକଙ୍କ ପାଇଁ ବିପଦ ସାଜିଛି। ସୂଚନା ଅନୁଯାୟୀ, କଟକ-ଚାନ୍ଦବାଲି ରାଜପଥର ସିଙ୍ଗିରି ବଜାର ଉପରେ ଦୀର୍ଘଦିନ ପରିବା ହାଟ ଚାଲିଛି। ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଆଳି ନିଆଳ ହାଟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସକାଳ ସମୟରେ ନିଆଳ ହାଟରେ ବ୍ୟବସାୟ ସାରି ସିଙ୍ଗିରି ବଜାର ଉପରେ ସନ୍ଧ୍ୟାରେ ହାଟ ବସାଉଛନ୍ତି। ଏହି ହାଟଟି କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା କଡ଼ରେ ହେଉଥିବାରୁ ତାହା ଏବେ ସାଧାରଣ ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଉଛି। କାରଣ ଏହି ହାଟ ଉପରେ ସ୍ଥାନୀୟ ସିଙ୍ଗିରି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳାପୁରୁଷ ହାଟରୁ ନିଜର ଅତ୍ୟାବଶ୍ୟକ ସାମଗ୍ରୀ କିଣି ସାରି ଚଳଚଞ୍ଚଳ କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ପାର ହେଉଛନ୍ତି। ଏପରି କି ରାସ୍ତାର ଉଭୟପାର୍ଶ୍ୱରେ ଗାଡ଼ି ରଖି ଦେଉଥିବାରୁ ରାସ୍ତା ଜାମ ମଧ୍ୟ ହେଉଛି। ଅନେକ ସମୟରେ ରାସ୍ତା ପାର ହେବା ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି। ଏ ନେଇ ସ୍ଥାନୀୟ ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସଙ୍କୁ ପଚାରିବାରେ ଏହି ହାଟକୁ ଆସୁଥିବା ଲୋକମାନଙ୍କ ଜୀବନ ବିପଦରେ। ଯେଉଁ ସ୍ଥାନରେ ହାଟ ହେଉଛି ସେଠାରେ ପ୍ରବଳ ଗହଳି ହେଉଥିବାବେଳେ ଲୋକମାନେ ରାସ୍ତା ପାର ହେବା ସମୟରେ କେତେବେଳେ ଯେ କ'ଣ ଅଘଟଣ ନ ଘଟିବ ତାହା କହି ହେବନି। ଆଳି ବ୍ଲକର ସ୍ପେଶାଲ ଫଣ୍ଡରୁ ସିଙ୍ଗିରିଠାରେ ଏକ ହାଟ ନିର୍ମାଣ ନିମନ୍ତେ ୨ବର୍ଷ ହେବ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଏପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉନାହିଁ। ଏ ନେଇ ସରପଞ୍ଚ ଦାସ ଗତ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ହାଟ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି।

# ଦୁର୍ନୀତିମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ୯ରୁ ନୂଆ ନିୟମ

ଭଞ୍ଜନଗର,୬।୯(ବାବୁଲା ପ୍ରଧାନ)

ଦକ୍ଷିଣ ଓଡ଼ିଶାର ଜଣାଶୁଣା ମହିଳା ମହାବିଦ୍ୟାଳୟ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଗର୍ବ, ଗୌରବକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ କେତେକ ନିୟମ ଲାଗୁ କରିବାକୁ ଯାଉଛନ୍ତି। ଆସନ୍ତା ୯ ତାରିଖଠାରୁ ୭ ଟି ନିୟମ ଲାଗୁ ହେବ। ସେଗୁଡିକ ହେଲା ଛାତ୍ରୀମାନେ କଲେଜକୁ ମୋବାଇଲ ଫୋନ ଆଣି ବଦ୍‌ଉପଯୋଗ କରିପାରିବେ ନାହିଁ। ଯଦି ଧରାପଡିବ ତେବେ ସେମାନେ ଜରିମାନା ଦେବେ। ଏଥିସହ ସେମାନଙ୍କ ଅଭିଭାବକଙ୍କୁ ଏନେଇ ଉତ୍ତର ଦେବାକୁ ପଡ଼ିବ। ଦୁର୍ନୀତିମୁକ୍ତ

**ସାବିତ୍ରୀ ମହିଳା ମହାବିଦ୍ୟାଳୟ**




ଶିକ୍ଷାନୁଷ୍ଠାନ ଭାବେ ଗଢିତୋଳିବା ପାଇଁ କଲେଜରେ କୌଣସି କାମ ଯଥା ଟିସି ଉଠାଇବା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ଛାତ୍ରୀମାନେ ନିର୍ଦ୍ଧାରିତ ଟଙ୍କାଠାରୁ ଅଧିକ ଦେବାକୁ ବାରଣ କରାଯାଇଛି। ଯଦି କୌଣସ କର୍ମଚାରୀ ମାଗନ୍ତି ତେବେ ଏନେଇ ଅଧକ୍ଷଙ୍କୁ ଜଣାଇବେ। ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନିଆଯିବ। ଛାତ୍ରୀମାନେ କୌଣସି ଉତ୍ସବରେ ଶିକ୍ଷକଙ୍କୁ ଉପହାର ଆଉ ଦେଇପାରିବେ ନାହିଁ। ମାତ୍ର ସେମାନଙ୍କ ସହପାଠୀଙ୍କୁ ଉପହାର ଦେଇପାରିବେ। କଲେଜରେ ୭୫ ପ୍ରତିଶତରୁ କମ ଉପସ୍ଥାନ ହେଲେ ଛାତ୍ରୀମାନେ ପରୀକ୍ଷା ଦେଇପାରିବେ ନାହିଁ। ଏଥିସହ ଏନେଇ ସେମାନଙ୍କୁ ଆର୍ଥିକ ଦଣ୍ଡ ପଡିବ। ମହାବିଦ୍ୟାଳୟ ପରିସର ସଫା ସୁନ୍ଦର ରହିବା ପାଇଁ ଛାତ୍ରୀମାନେ ସାଇକେଲଗୁଡିକୁ ଠିକ ଭାବେ ରଖିବେ। ସେମାନେ କଲେଜକୁ ଆସିବା ପରେ ପୁଣି କ୍ଲାସ ସରିବା ପରେ ହିଁ ବାହାରକୁ ଯାଇପାରିବେ। ଯଦି କିଛି ଜରୁରୀ କାର୍ଯ୍ୟ ପଡ଼ିଲା ତେବେ ମଝିରେ ଛାତ୍ରୀମାନେ ଯାଇପାରିବେ। କଲେଜ ରାସ୍ତା ଏବଂ କଲେଜ ସମ୍ମୁଖ ଦୋକାନରେ ଛାତ୍ରୀମାନେ କଲେଜ ଡ୍ରେସ ପିନ୍ଧି କଲେଜ ସମୟରେ ଗପିବାକୁ ବାରଣ କରାଯାଇଛି। ଛାତ୍ରୀମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିୟମକରାଯାଇଛି। ଏହା ବାଧ୍ୟତାମୂଳକ ବୋଲି ଅଧକ୍ଷ ଡ ସୁଶାନ୍ତ କୁମାର ମଲ୍ଲିକ ଜାରି ନିର୍ଦ୍ଦେଶନାମାରେ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଚିକିଟି,୬।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଲଙ୍କ ଗ୍ରାମରେ ଶୁକ୍ରବାର ଜଣେ ବୃଦ୍ଧଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଡ଼ପଲଙ୍କ ଗ୍ରାମର ଗଣପତି ସେଠୀ (୬୦)। ଗଣପତି ଶୁକ୍ରବାର ସକାଳେ ବିଲରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତୁରନ୍ତ ଗଣପତିଙ୍କୁ ପ୍ରଥମେ ଚିକିଟି ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗଣପତିଙ୍କ ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ବଡ଼ ମେଡିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଛାତ୍ରୀଛାତ୍ର ଶୃଙ୍ଖଳିତ ହେବାକୁ ଆହ୍ୱାନ

ଚିକିଟି,୬।୯(ପ୍ରକାଶ ଚନ୍ଦ୍ର ସାହୁ):

ଶିଷ୍ୟମାନେ ଶୃଙ୍ଖଳିତ ଜୀବନଯାପନ କଲେ ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହୋଇପାରିବେ ବୋଲି ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ସନ୍ଦିପନି ବିଦ୍ୟା ନିକେତନରେ ଅନୁଷ୍ଠିତ ଗୁରୁ ଦିବସ ଉତ୍ସବରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ତହସିଲଦାର ବଳଦେବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ଏସ. ନାଗଭୂଷଣ, ସମ୍ପାଦକ ଇ. ସୀମାଞ୍ଚଳ, ବ୍ରହ୍ମପୁରସ୍ଥିତ ପତଞ୍ଜଳିର ହୋଲସେଲ ବ୍ୟବସାୟୀ ଇ. ସୁବଦ କୁମାର ଉପସ୍ଥିତ ଥିଲେ। ଶିଶୁମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତିମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ୧୫ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମାନିତ

ଶେରଗଡ,୬।୯(ସୂର୍ଯ୍ୟ ନାରାୟଣଦାଶ)

ଶେରଗଡର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ଗୁରୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିକଟରେ ଅବସର ନେଇଥିବା ୧୫ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମାଜିକ କର୍ମୀ ବୁଢା ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱାଗତ ସଭା

ଭଞ୍ଜନଗର,୬।୯(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱାଗତ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାପତିତ୍ୱ କରି ଓଡ଼ିଆ ଭାଷା ସାହିତ୍ୟର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧ୍ୟାପକ ହର ପ୍ରସାଦ ଶତପଥୀ, ଅଧ୍ୟାପିକା କଳ୍ପନା ଷଣ୍ଢ, ଅଧ୍ୟାପିକା ତଥା ବରିଷ୍ଠ ଲେଖିକା ରୋଜାଲିନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଦିଗନ୍ତ କୁମାର ଜେନା ସଭାକୁ ସଂଯୋଜନା କରିଥିବା ବେଳେ ଛାତ୍ର ଚିନ୍ମୟ ପ୍ରସାଦ ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପିକା ଦିପାଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗମ୍ଭାଡ଼ି-ଡିମିଶର ରାସ୍ତା ମରଣଯନ୍ତା


ରାସ୍ତା କାଦୁଅ ଯୋଗୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି।

ନୟାଗଡ,୬।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ଗମ୍ଭାଡ଼ି- ଡିମିଶର ରାସ୍ତା ମରଣଯନ୍ତା ପାଲଟିଛି। ପ୍ରାୟ ୭ କିମି ରାସ୍ତାର ଉଭୟପାର୍ଶ୍ୱ ଅଧିକାଂଶ ସ୍ଥାନରେ ଦବି ଯାଇଛି। କେତେକ ସ୍ଥାନରେ ରାସ୍ତା ଖାଲଖମା ହୋଇ ବିପଦସଙ୍କୁଳ ପାଲଟିଛି। ପୁଣି ଫାସିପଡ଼ାରୁ ଶଙ୍ଖେଇକୁ ରାସ୍ତା ହେଉଥିବା ଅଞ୍ଚଳ କାଦୁଅ ପଚ ପଚ ହୋଇ ପରିତ୍ୟକ୍ତ ପାଲଟିଛି। ରାସ୍ତା ମରାମତି ହେଉ ନ ଥିବାରୁ ଡିମିଶର, ହରିପୁର, ଫାସିପଡ଼ା ପରି ବାସିନ୍ଦା ଯାତାୟାତରେ ହଟହଟା ହେଉଥିବା ଅଭିଯୋଗ ଉଠିଛି।

# ଜାତୀୟ ସେବା ଯୋଜନାରେ ଚାରାରୋପଣ

ନୟାଗଡ଼,୬।୯(ଲୋକନାଥ ମିଶ୍ର)



ଶୁକ ବେବେରା ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ମା’ ପାଇଁ ଗଛଟିଏ ସ୍ଲୋଗାନ ଅନୁସାରେ ୭ ଦିନିଆ ସ୍ୱତନ୍ତ୍ର ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ ଜଣ ସ୍ୱେଚ୍ଛାସେବୀ ଶିବିରାର୍ଥୀ ଭାଗନେଇ ନିଜସ୍ୱ କଲେଜଠାରୁ ଗୁଣ୍ଡୁରାବାଡି ଗ୍ରାମ ରାସ୍ତାର ଉଭୟପାର୍ଶ୍ୱେ ତଥା କଲେଜ ପରିସର, ଗୋପବନ୍ଧୁ କୋଠ ଚାଷ ସମ୍ପତ୍ତିର ଏକ ପଡ଼ିଆରେ ନିମ୍ବ, ଜାମୁ, ଅର୍ଜୁନ, ଶିଶୁ, ଆମ୍ବ, ପଣସ, ଅଶୋକ, ଗଙ୍ଗଶିଉଳି, ଅଁଳା ଓ ପିଜୁଳି ଆଦି ୫୦୦ରୁ ଅଧିକ ଗଛ ଲଗାଇଛନ୍ତି। କଲେଜ ଅଧକ୍ଷ ମହେନ୍ଦ୍ର କୁମାର ମହାନ୍ତିଙ୍କର ଅଧକ୍ଷତାରେ ଏନଏସ୍‌ଏସ୍ ଚାରାରୋପଣ କାର୍ଯକ୍ରମର ଅଧିକାରିଣୀ ଏଲିନା ନିଶଙ୍କ, ଅଧାପକ ସୁବ୍ରତ କୁମାର ଦାଶ, ଅଧାପକ ରମେଶ ଚନ୍ଦ୍ର ବିଶ୍ୱାଳ ଓ ଖେଳ ଶିକ୍ଷକ ଗୋଲକ ପ୍ରଧାନ ଆଦି ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ପରିଶେଷରେ ସପ୍ତମ ଦିନରେ ଜିଲା ସେବା ଯୋଜନା ଅଧିକାରୀ ଅଧାପକ ଚିତ୍ତରଞ୍ଜନ ଦାଶ ଉଦଯାପନୀ ଉତ୍ସବରେ ଯୋଗଦେଇ ଶୁକ ବେହେରା ଡିଗ୍ରୀ କଲେଜର ସମସ୍ତ କର୍ମଚାରୀ ଛାତ୍ରୀଛାତ୍ରଙ୍କର ଉତ୍ସାହ ଓ ଉଦ୍ଦୀପନାକୁ ପ୍ରଶଂସା କରି କାର୍ଯ୍ୟକ୍ରମର ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ରାଇକିଆ,୬।୯(ପ୍ରଦୀପ ବେହେରା):

ରାଇକିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ଏବିଇଓ ସାରଥୀ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ହାଡ଼ିବନ୍ଧୁ ବେହେରା, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଏବିଇଓ ଧନେଶ୍ୱର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଏବିଇଓ ସିମାଦ୍ରୀ କହଁର, ବାଳକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୩୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସମସ୍ତ ସିଆରସିସି, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ମହମ୍ମଦ କେଶରୀ ପ୍ରଧାନ, ଭାଗିରଥି ସେଠୀ, ମୁକ୍ତ କୁମାର ପରିଛା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଗାୟତ୍ରୀ ବିଦ୍ୟାମନ୍ଦିରରେ ଗୁରୁଦିବସ



ଓଡ଼ଗାଁ, ୬।୯(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ପଣ୍ଡିଖାରୀ ପଞ୍ଚାୟତର ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁପୂଜନ ସଭାରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର ଗୁରୁ ବନ୍ଦନା ଗାନ କରିବା ସହ ପୂଜା କରିଥିଲେ। ଗୁରୁ ଦିବସ ଉପଲକ୍ଷେ ବିଦ୍ୟାଳୟର ପକ୍ଷରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାର ସର୍ବକନିଷ୍ଠ ବିଭାଗ ପ୍ରଥମ ସୁର୍ଚ୍ଚିସ୍ମିତା ପଟ୍ଟନାୟକ, ଦ୍ୱିତୀୟ ଆୟୁଷ ପ୍ରଧାନ, ତୃତୀୟ ରାଣୀ ବାରିକ ଏବଂ କନିଷ୍ଠ ବିଭାଗରେ ପ୍ରଥମ ବର୍ଷା ପ୍ରିୟଦର୍ଶିନୀ, ଦ୍ୱିତୀୟ ଅଦ୍ୟାଶା ପ୍ରିୟଦର୍ଶିନୀ, ତୃତୀୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୁରସ୍କୃତ ହୋଇଥିଲେ। ବରିଷ୍ଠ ବିଭାଗରେ ପ୍ରଥମ ଆୟୁଷ ସାହୁ, ଦ୍ୱିତୀୟ ଲକ୍ଷ୍ମୀପ୍ରିୟା ମହାପାତ୍ର, ତୃତୀୟ ସ୍ଥାନ ଅନିଶା ରାଣୀ ମିଶ୍ର ଅଧିକାର କରିଥିଲେ। ଏତଦବ୍ୟତୀତ ଓଡ଼ଗାଁ ଏନ୍‌ଏସି ଓ ବ୍ଲକର ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ଗୁରୁଦିବସ ପାଳିତ ହୋଇଥିଲା।

# ଓଡ଼ଗାଁରୁ ୧୩୫ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ

ଓଡ଼ଗାଁ, ୬।୯ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକର ୧୫୬ ଜଣ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଗୁରୁବାର ଗୁରୁଦିବସ ଅବସରରେ ନୟାଗଡ଼ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଜିଲାର ୮ଟି ବ୍ଲକର ନମ୍ବର ଅନୁସାରେ ମନୋନୀତ ଛାତ୍ରୀଛାତ୍ର ସମ୍ମିଳିତ ହୋଇଥିଲେ। ତନ୍ମଧ୍ୟରୁ ଓଡ଼ଗାଁ ବ୍ଲକର ୧୩୫ଜଣ ଛାତ୍ରୀଛାତ୍ର ୧୫୬ଟି ଅର୍ଥ ପୁରସ୍କାର ପାଇଥିବା ନେଇ ଘୋଷଣା କରାଯାଇଛି। ପୁରସ୍କାର ଅର୍ଥ ସେମାନଙ୍କ ଜମା ଖାତାକୁ ଯିବ ବୋଲି ସୂଚନା ଦିଆଯାଇଥିଲା। ବ୍ଲକର ଭାଷା ଭାଷାବୃତ୍ତି ପାଇଁ ବିଭିନ୍ନ ବିଦ୍ୟାଳୟର ୨୦ ଜଣ ଛାତ୍ରୀଛାତ୍ରଙ୍କ ଖାତାକୁ ୭ ହଜାର ୫ଶହ ଟଙ୍କା ଲେଖାଏ ବ୍ଲକସ୍ତରୀୟ ଏକାଡେମିକ ପୁରସ୍କାର ବାବଦରେ ୫ ହଜାର ଟଙ୍କା ଲେଖାଏ ୧୦୦ ଜଣ, ସେହିପରି ଏହି ବ୍ଲକର ୧୭ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ଏକାଡେମିକି ପୁରସ୍କାର ୧୦ ହଜାର ଟଙ୍କା ଲେଖାଏ ସେମାନଙ୍କ ଖାତାକୁ ଆସିବ। ୧୮ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ରାଜ୍ୟ, ଜିଲା ଓ ବ୍ଲକସ୍ତରୀୟ ଗରିବ ମେଧା ବୃତ୍ତି ଯଥାକ୍ରମେ ୫୦ହଜାର, ୧୦ ହଜାର ଏବଂ ୫ ହଜାର ଟଙ୍କା ଲେଖାଏ ଜମାଖାତାକୁ ଆସିବ।

# ସୁଭଦ୍ରା ଯୋଜନା ପ୍ରଶିକ୍ଷଣ ଶିବିର

ଆସିକା,୬।୯(ସୁରେନ୍ଦ୍ର ନାଥ ସାହୁ):

ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସେବା ସମବାୟ ସମିତିଗୁଡିକରେ ମଧ ସୁଭଦ୍ରା ଯୋଜନା ପାଇଁ ମହିଳାମାନେ ନାମ ପଞ୍ଜୀକରଣ କରିପାରିବେ। ଶୁକ୍ରବାର ଆସିକା ବ୍ଲକରେ ରହିଥିବା ୧୯ଟି ସେବା ସମବାୟ ସମିତିର ସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ନେଇ ବ୍ଲକ ସଭା ଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସେବା ସମବାୟ ସମିତି ପକ୍ଷରୁ କିଭଳି ନାମ ପଞ୍ଜୀକରଣ କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଡିଓ ଫକୀର ଚରଣ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିଡିପିଓ ଇନ୍ଦିରା ମହାପାତ୍ର, ଏଆରସିଏସ ବିଜୟ କୁମାର ସାହୁ, ଜନସେବା କେନ୍ଦ୍ରର ଜିଲ୍ଲା ସଂଯୋଜକ ଅମିତ କୁମାର ସାହୁ, ମୋ ସେବା କେନ୍ଦ୍ରର ଜିଲ୍ଲା ସଂଯୋଜକ ଶରତ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ମହିଳାମାନେ ଉପକୃତ ହେବେ ବୋଲି ଆଶା କରାଯାଇଛି ।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଶିବପ୍ରସାଦ

ଗଞ୍ଜାମ,୬।୯(ବିଦ୍ୟାଧର ସାହୁ)




ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଗୋଖରକୁଦା ଗ୍ରାମର ବଟେଶ୍ୱର ଜେନାଙ୍କ ପୁଅ ଶିବପ୍ରସାଦ ଜେନା ୮ ତାରିଖରେ ତାମିଲନାଡୁର କଇଁବାତୁରରେ ହେବାକୁ ଥିବା ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ। ଏଥିପାଇଁ ଶିବପ୍ରସାଦ ତାମିଲନାଡୁ ଯାଇଛନ୍ତି। ତାଙ୍କ ବାପା ବୃତ୍ତିରେ ଜଣେ ବଣିକ, ମା’ ବିଷ୍ଣୁପ୍ରିୟା ଗୃହିଣୀ। ଦୀର୍ଘ ବର୍ଷ ହେବ ଗଞ୍ଜାମ ବଡ଼ ବଜାରଠାରେ ରହି ଆସୁଛନ୍ତି। ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ କେମିକାଲସ କରମେଟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଷ୍ଟାଣ୍ଡାର୍ଡ-୩ରେ ପାଠ ପଢୁଥିବା ବେଳେ ଟାଏକୋଣ୍ଡୋ ପ୍ରତିଶିବପ୍ରସାଦଙ୍କ ଆଗ୍ରହ ଥିବା ଦେଖିତାଲିମ ନିମନ୍ତେ କୋଚ ସି.ଏଚ. ପ୍ରସାଦ ନାୟକ ଓ ଆର. ଅଭିମନ୍ୟୁ ରେଡିଙ୍କ ସହ ମା’ବାପା ଯୋଗାଯୋଗ କରିଥିଲେ। ସେହିଦିନଠାରୁ ଶିବପ୍ରସାଦ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି। ପ୍ରଥମେ ସ୍କୁଲ ତରଫରୁ ବ୍ରହ୍ମପୁର ସ୍ୟାଣ୍ଡ ଭିନସନରେ ଅନୁଷ୍ଠିତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗୋଲ୍ଡ଼ ମେଡାଲ ଜିତିଥିଲେ। ପରେ ପୁରୁଷୋତ୍ତମପୁରଠାରେ ଗୋଲ୍ଡ଼ ଏବଂ ପୁରୀରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସିଲଭର ପାଇଥିଲେ। ଏଥିସହ କେନ୍ଦୁଝରରେ ହୋଇଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗୋଲ୍ଡ଼ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ସହ ଜାତୀୟ ସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସଫଳତା ପାଇଁ ସ୍ୱାୟତ୍ତ ଶାସନ ଦିବସରେ ଏନଏସି ପ୍ରଶାସନ ପକ୍ଷରୁ ଶିବପ୍ରସାଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସରକାରଙ୍କ ସହଯୋଗ ମିଳିଲେ ସେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ପାଲାଗାୟକ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଯୋଗ ଦେଇଥିବା ପାଲା ଗାୟକ ଓ ଅନ୍ୟମାନେ।

ନୟାଗଡ,୬।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମା’ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ନୟାଗଡ଼ସ୍ଥିତ ଗୁଣ୍ଡିଚା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ଗାୟକ କଳାନିଧି ମନୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଗାୟକ ପଞ୍ଚାନନ ସାହୁ, ତ୍ରିନାଥ ପଣ୍ଡା, ରାଜ କିଶୋର ପ୍ରଧାନ, ମଳୟ ମହାପାତ୍ର, ପ୍ରଦୀପ ଅତିବୁଦ୍ଧି, ରମେଶ କୁମାର କୁଣ୍ଡୁ, ବୁଲୁ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବାୟକ ପ୍ରମୋଦ କୁମାର ପାଲଟାସିଂହ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ଡିସେମ୍ବରରେ ଅଖଣ୍ଡ ପୁରୀ ଜିଲା

**ପୁରୀ ଓ ସିଦ୍ଧାମୂଳାରେ ହେବ ପାଲା ବାର୍ଷିକ ସମ୍ମିଳନୀ**

ପାଲା ଗାୟକ ପରିଷଦର ବାର୍ଷିକ ସମ୍ମିଳନୀ ଶ୍ରୀକ୍ଷେତ୍ରର ବଡଦାଣ୍ଡରେ କରାଯିବବୋଲି ନିଷ୍ପତ୍ତି ହୋଇଛି। ସେହିପରି ନଭେମ୍ବର ୨୪ରେ ଜିଲାସ୍ତରୀୟ ପାଲା ଗାୟକ ସମ୍ମିଳନୀ ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାଠାରେ କରାଯିବ ବୋଲି ଅନୁରୂପ ଭାବେ ନିଷ୍ପତ୍ତିହୋଇଛି। ସମ୍ପାଦକ ଅକ୍ରୁର ବାରିକ ବାର୍ଷିକ ବିବରଣୀ ପାଠ, ଲଡୁ କିଶୋର ଶୁକ୍ଳ ମଙ୍ଗଳାଚରଣ ପାଠ କରିଥିବାବେଳେ ଲକ୍ଷ୍ମୀଧର ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ । ସଙ୍ଗଠନ ସମ୍ପାଦକ ପଞ୍ଚାନନ ସାହୁ ବୈଠକ ପରିଚାଳନା କରିଥିଲେ।

# ହଷ୍ଟେଲ ସମସ୍ୟା ସମାଧାନ ପାଇଁ ପରାମର୍ଶ ଦେଲେ ବିଧାୟକ

ପାରଳାଖେମୁଣ୍ଡି,୬।୯ (ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ କାଶୀନଗର ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଛାତ୍ର ହଷ୍ଟେଲକୁ ଶୁକ୍ରବାର ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଅଚାନକ ଗସ୍ତ କରିଥିଲେ। ସେ ହଷ୍ଟେଲରେ ପ୍ରତ୍ୟେକ କୋଠରି ବୁଲି ତଦାରଖ କରିବା ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ହଷ୍ଟେଲର ସମସ୍ତ ସମସ୍ୟା ବୁଝିବା ସହ ହଷ୍ଟେଲ ପରିସର ସଫା ସୁତୁରା ରଖିବାକୁ କର୍ମଚାରୀଙ୍କୁ କହିଥିଲେ। ପରେ ବିଧାୟକ ପାଣିଗ୍ରାହୀ ବ୍ଲକ ଶିକ୍ଷା



ଅଧିକାରୀ ଆଦିକାନ୍ତ ଗମାଙ୍ଗଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ସଭାପତି, ଏନଏସି ନିର୍ବାହୀ ଅଧିକାରୀ, କନିଷ୍ଠଯନ୍ତ୍ରୀ ଓ ସରପଞ୍ଚ କେ. ତେଜଶ୍ୱର ରାଓ ଉପସ୍ଥିତ ଥିଲେ। ଶୀଘ୍ର ହଷ୍ଟେଲର ସମସ୍ତ ସମସ୍ୟା ଦୂର କରିବା ଲାଗି ଶିକ୍ଷା ଅଧିକାରୀଙ୍କୁ ବିଧାୟକ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ।

# ଅତିଥି ଶିକ୍ଷକରେ ଚାଲିଛି ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ

ବ୍ରାହ୍ମଣୀଗାଁ,୬।୯(ମନୋରଞ୍ଜନ ରଣା)



କନ୍ଧମାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଗୁରୁ ଯିଏ କି ସମାଜର ଅନ୍ଧକାରକୁ ଦୂର କରି ଶିକ୍ଷାର ଆଲୋକ ପ୍ରଦାନ କରିଥାନ୍ତି। ବିନା ଗୁରୁରେ ସମସ୍ତ ଶିକ୍ଷା ଅଧୁରା ରହିଯାଏ। ତେବେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଝିଞ୍ଜିରିଗୁଡା ପଞ୍ଚାୟତର ଉଲିପଦର ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସରେ ଗୁରୁଙ୍କ ଅଭାବ ରହିଥିବା ନେଇ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପ୍ରାୟ ୪୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପାଠ ପଢ଼ାଇବାକୁ ଜଣେ ନିୟମିତ ଶିକ୍ଷକ ଓ ଜଣେ ଅତିଥି ଶିକ୍ଷକ ନିଯୁକ୍ତ ହୋଇଥିଲେ। ଇତି ମଧ୍ୟରେ ନିୟମିତ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ ଅନ୍ୟ କେହି ଶିକ୍ଷକ ଏଯାଏ ନିଯୁକ୍ତି ହୋଇନାହାନ୍ତି। ଜଣେ ମାତ୍ର ଥିବା ଅତିଥି ଶିକ୍ଷକ ବିଦ୍ୟାଳୟ ଚଳାଉଛନ୍ତି। ଏନେଇ ସରପଞ୍ଚ ଚାନ୍ଦିନୀ ପ୍ରଧାନ ଓ ଗ୍ରାମବାସୀ ଦୁଇ ବର୍ଷ ହେଲାଣି ଅତିରିକ୍ତ ଶିକ୍ଷକ ପଦବୀ ପୂରଣ ଲାଗି ସ୍ଥାନୀୟ ମଙ୍ଗଳ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେଉ ନାହାନ୍ତି। ଅତିଥି ଶିକ୍ଷକ ପାଠପଢା ସହ ଅନ୍ୟାନ୍ୟ ଦାୟିତ୍ୱ କିପରି ତୁଲାଇବେ ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଗ୍ରାମବାସୀ ଫୋନ ଯୋଗେ ପଚାରିବାରୁ ସେ ଏସମ୍ପର୍କରେ ନ ଜାଣିବା ଭଳି ଗ୍ରାମବାସୀଙ୍କୁ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଜଣେ ନିୟମିତ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଆସନ୍ତା ୧୦ତାରିଖ ସୁଦ୍ଧା ନିୟମିତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆନ୍ଦୋଳନ କରିବାକୁ ଆମେ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ଚାନ୍ଦିନୀ ପ୍ରଧାନ, ବାବୁଲା ବିଷୋୟୀ, ସାମନ୍ତ ନାୟକ, ଯୁଗଳ ବିଷୋୟୀ, ମିଟୁ ବିଷୋୟୀ, ସୁକାନ୍ତ ପରିଛା, ପ୍ରଭାକର ରଣସିଂଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲ୍ଲାରେ ଜଳ ଉତ୍ସ ପ୍ରଦୂଷଣ ବଢୁଛି

କେନ୍ଦ୍ରାପଡ଼ା, ୬।୯ (ଜଗନ୍ନାଥ ଧଳ)


ଗୋବରୀ ନଦୀରେ ଦଳ ଭର୍ତ୍ତି ହୋଇ ରହିଛି।

ରାଜ୍ୟର ଅଧିକାଂଶ ଜଳ ଉତ୍ସ ପ୍ରଦୂଷିତ। ସାଧାରଣ ଲୋକଙ୍କ ପାଇଁ ଏହାର ଜଳ ବ୍ୟବହାର ଉପଯୋଗୀ ନୁହେଁ। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏପରି ରିପୋର୍ଟ ପ୍ରକାଶ କରିଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ଅଛି। ଜିଲ୍ଲାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଓ ୨୭ ନାଳ ବିଭିନ୍ନ କାରଣରୁ ପ୍ରଦୂଷିତ ହେଉଛି। ସେହିପରି ଗରଦପୁର ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ଦ୍ରୁତଗତିରେ ହ୍ରାସ ପାଇଥିବା ନେଇ ରାଜ୍ୟ ଭୂତଳ ଜଳ ବିଶେଷଜ୍ଞ ସୂଚନା ଦେଇଥିବା ବେଳେ ଓଡ଼ିଶାର ଏକମାତ୍ର ଜଳ ସଙ୍କଟ ଜିଲ୍ଲା ଭାବେ ଏହି ଜିଲ୍ଲାକୁ କେନ୍ଦ୍ର ସରକାର ଚିହ୍ନଟ କରି ଗତ ୨୦୧୯ରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଏବେ କାଗଜକଲମରେ ସୀମିତ ରହିଛି। ଜଳ ଉତ୍ସ ପ୍ରଦୂଷଣ ରୋକିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଜିଲ୍ଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଚିଠି ହୋଇଛି। ଏହାକୁ ଜିଲ୍ଲାର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜନ ସୁରକ୍ଷା ମଞ୍ଚର ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତ, ଜଳ ହିଁ ଜୀବନ। ଏହାର ସୁରକ୍ଷା ଆବଶ୍ୟକ। ହିନ୍ଦୁ ସଂସ୍କୃତିରେ ସାଧାରଣ ଚଳଣିଠାରୁ ପୂଜା ପାର୍ବଣରେ ଜଳର ଗୁରୁତ୍ୱ ଅଧିକ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଜଳ ଉତ୍ସର ପରିସମାପ୍ତି ଘଟାଉଛି। ପୂର୍ବରୁ ଥିବା ଜଳପଥ ଓ ଉତ୍ସକୁ ପୋତା ଯାଇ ଏବେ ଗୃହ ନିର୍ମାଣ ହେଉଛି। ସେହିପରି ପୂଜା ପାର୍ବଣରେ ମୂର୍ତ୍ତି ଓ ଅନ୍ୟ ପୂଜା ସମାଗ୍ରୀ ଜଳ ଉତ୍ସକୁ ପ୍ରଦୂଷିତ କରୁଛି। ଏହାବ୍ୟତୀତ ଅତ୍ୟାଧୁନିକ ଜୀବନ ଯାପନ ପାଇଁ ଦ୍ରୁତ ଶିଳ୍ପାୟନ ଯୋଗୁ ବର୍ଜ୍ୟବସ୍ତୁ ଜଳ ଉତ୍ସକୁ ନଷ୍ଟ କରୁଛି। ସହରରେ ଥିବା

- ସହରର ବଡ଼ ୨୪ ପୋଖରୀରୁ ୧୮ଟିର ଚିହ୍ନ ରହିଛି
- ଜଳ ଶକ୍ତି ଅଭିଯାନ କାଗଜକଲମରେ ଚାଲିଛି

୨୪ଟି ବଡ଼ ପୋଖରୀ ମଧ୍ୟରୁ ପ୍ରାୟ ୧୮ଟି ଏବେ ପୋତି ଦିଆଯାଇଛି। ଏ ନେଇ ସ୍ଥାନୀୟ ଅଧିବାସୀ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିପାରୁନାହିଁ। ଯାହା ଆଗାମୀଦିନରେ କେନ୍ଦ୍ରାପଡ଼ା ସହରବାସୀଙ୍କ ଜଳ ବ୍ୟବହାର ଉପରେ ପ୍ରଭାବ ପଡ଼ିବ। ଏଥିପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ଏହି ଜିଲ୍ଲାରେ କୌଣସି ଖଣି ଅଥବା ଶିଳ୍ପ ନାହିଁ। ତେବେ ଜିଲ୍ଲାର ୭ ନଦୀ ଓ ୨୭ ଶାଖା ନାଳରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି। ଏପରିକି ଏହି ପ୍ରଦୂଷିତ ଜଳ ସାମୁଦ୍ରିକ ଜୀବ ଉପରେ ପ୍ରଭାବ ପକାଇଛି। ପଡୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲ୍ଲାର ଶିଳ୍ପ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦେଉନାହାନ୍ତି। ଶିଳ୍ପ ବର୍ଜ୍ୟ ସାମଗ୍ରୀକୁ ନଦୀ ଜଳକୁ ଛାଡୁଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରେ ଚିଙ୍ଗୁଡ଼ି ଚାଷ ଉପାନ୍ତ ଅଞ୍ଚଳରେ କୁଟିରଶିଳ୍ପ ପାଲଟିଛି। ଚିଙ୍ଗୁଡ଼ି ଘେରିରୁ ନିର୍ଗତ ବର୍ଜ୍ୟ ରାସାୟନିକ ସାମଗ୍ରୀ ନାଳ, କେନାଲ ଓ ନଦୀ ମଧ୍ୟକୁ ଛଡ଼ାଯିବା ଫଳରେ ସମୁଦ୍ରାଞ୍ଚଳ ପ୍ରଦୂଷିତ ହେଉଛି। ପୂଜା ପାର୍ବଣ ସମୟରେ ଏକ ସ୍ୱତନ୍ତ୍ର ପୋଖରୀରେ ମୂର୍ତ୍ତି ଓ ପୂଜା ସାମଗ୍ରୀକୁ ପକାଯାଉ। ସେହିପରି ମୂର୍ତ୍ତି ଗଠନରେ ରାସାୟନିକ ଦ୍ରବ୍ୟ ବଦଳରେ ପରିବେଶ ଅନୁକୂଳ ଉପାଦାନକୁ ବ୍ୟବହାର କରାଯାଉ। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଜଳ ଉତ୍ସ ସଂରକ୍ଷଣ ଜରୁରୀ। ଏଥିପାଇଁ ଜିଲ୍ଲାର ଜଳ ସଙ୍କଟ ଦୂର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପୁରୁଣା ଜଳ ଉତ୍ସର ପୁନରୁଦ୍ଧାର, ଭୂଗର୍ଭକୁ ବର୍ଷା ଓ ଉଦ୍‌ବୃତ୍ତ ଜଳ ପ୍ରେରଣ ସହ ବ୍ୟାପକ ଭାବେ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନ କେନ୍ଦ୍ରାପଡ଼ା ଜିଲ୍ଲାରେ କେବଳ କାଗଜପତ୍ରରେ ସୀମିତ ହୋଇଛି। ଅଭିଯାନର ଉଦ୍‌ଘାଟନ ପରେ ଏ ନେଇ ସଚେତନତା ସୃଷ୍ଟି ହୋଇପାରିନାହିଁ। ଫଳରେ ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ଜଳ ଉତ୍ସଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଜଳ ଉତ୍ସ ପ୍ରଦୂଷଣ ମୁକ୍ତ ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଛନ୍ତି। ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ବିଭିନ୍ନ ଯୋଜନାରେ ବନୀକରଣ ଓ ପୋଖରୀର ପୁନରୁଦ୍ଧାର କରାଯାଉଛି ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମୋଜାଫର


@ ଗୁଡୁ


@ ବୁଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩୬ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**କଲେଜ୍ ଛାତ୍ରଙ୍କୁ ହତ୍ୟା ଘଟଣା**



ଧର୍ମଶାଳା,୬।୯ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆ ଗ୍ରାମ ନିକଟ ସଗଡ଼ିଆ ନାଳରେ ସ୍ଥାନୀୟ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ପୁଅ ୨ ପ୍ରଥମ ବର୍ଷର ଛାତ୍ର ରୁଦ୍ରପ୍ରସାଦ ବେହେରାଙ୍କୁ ହତ୍ୟା କରି ଫିଙ୍ଗିଦେବା ଘଟଣାକୁ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ହେଲାଣି। ହେଲେ ଏଯାଏ ପୋଲିସ ଘଟଣାରେ କାହାରିକୁ ଗିରଫ କରି ପାରିନାହିଁ।

ରୁଦ୍ରପ୍ରସାଦ ମଙ୍ଗଳବାର ରାତିରୁ ନିଖୋଜ ଥିଲେ। ତାଙ୍କ ବାପା ବୁଧବାର ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ଗୁରୁବାର ଛାତ୍ରଙ୍କ ମୃତଦେହ ମିଳିଥିଲା। ଛାତ୍ରଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୬୭୦/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଅରମ୍ଭ କରିଥିଲା। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଛାତ୍ରଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପୋଲିସ ମୃତଦେହ ଜବତ ହୋଇଥିବା ସ୍ଥାନ ନିକଟରେ ରହୁଥିବା ଏକ ପରିବାରର ୨ ଯୁବତୀଙ୍କ ସମେତ ୪ ଜଣ ଓ ସ୍ଥାନୀୟ ଉତ୍ତରଶାସନ ଗ୍ରାମର ଜଣେ ଯୁବକଙ୍କୁ ଥାନରେ ଅଟକ ରଖି ପଚରା ଉଚରା ଚଳାଇଛି। ଏଥିସହିତ ପୋଲିସ ଉତ୍ତରଶାସନ ଗ୍ରାମର ଜଣେ ଯୁବତୀଙ୍କୁ ଥାନକୁ ଆଣି ପଚରାଉଚରା କରୁଛି। ହେଲେ ପୋଲିସ ନିର୍ଦ୍ଦିଷ୍ଟ ଭାବେ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହିଁ। ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପୋଲିସ ଦମକଳ ବାହିନୀ ସହାୟତାରେ ଶଗଡିଆ ନାଳରେ ଅସ୍ତ୍ର ଖୋଜାଖୋଜି କରି ବିଫଳ ହୋଇଛି। ଥାନାରେ ଅଟକ ଥିବା ୫ ଜଣଙ୍କ ପାଖରୁ ପୋଲିସ କୌଣସି ସୁରାଗ ବାହାର କରିପାରିନଥିବା ଜଣାପଡିଛି। ଅନ୍ୟପକ୍ଷରେ ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଥାନା ଅଧିକାରୀ ତପନ କୁମାର ନାୟକ ଘଟଣାସ୍ଥଳକୁ ଯାଇ ପୁଣି ଅନୁସନ୍ଧାନ କରିବା ସହିତ ଦମକଳବାହାନୀ କର୍ମଚାରୀଙ୍କ ସହାୟତାରେ ଶଗଡିଆ ନାଳରେ ଖୋଜାଖୋଜି କରି ଫେରିଛନ୍ତି। ଏହି ଘଟଣା ଉପରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି। ତେବେ ଏକ ନିଛାଟିଆ ସ୍ଥାନକୁ ଛାତ୍ର ଜଣକ କାହା ସହିତ ଯାଇଥିଲେ ଏବଂ ସେଠାରେ କିଏ ତାଙ୍କୁ ଧାରୁଆ ଅସ୍ତ୍ରରେ କଣ ପାଇଁ ହତ୍ୟା କଲେ ଏସବୁ ଅସ୍ପଷ୍ଟ ରହିଛି। ପୋଲିସ ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବାକୁ ସାଧାରଣରେ ଦାବି ହୋଇଛି।

# ନିଆଁଲାଗି ୮ ବଖରା ଜଳିଗଲା


ପୋଡି ଯାଉଥିବା ଘରେ ଅଗ୍ନିଶମ କର୍ମଚାରୀ ପାଣି ପକାଇ ଲିଭାଉଛନ୍ତି।

ରାଜକନିକା,୬।୯
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ କାଟଣା-ବଣିଆଁ ପଞ୍ଚାୟତ କାଟଣା ଗାଁର ଗଜେନ୍ଦ୍ର ବିଶ୍ୱାଳ ଓ ପ୍ରସନ୍ନ ବିଶ୍ୱାଳଙ୍କ ପରିବାର ଗୁରୁବାର ବିଳମ୍ବିତ ରାତ୍ରିରେ ଶୋଇଥିବା ବେଳେ ଘର ଜଳୁଥିବା ଦେଖିଥିଲେ। ହେଲେ ନିଆଁ ଏତେ ଭୟଙ୍କର ଥିଲା ଯେ, ରାତ୍ରିରେ ନିଜ ଜୀବନ ଓ ଛୋଟ ଛୁଆଙ୍କ ଜୀବନ ବଞ୍ଚାଇ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଥିଲା। ବହୁ କଷ୍ଟରେ ପରିବାର ଲୋକେ ଘରୁ ବାହାରି ଥିଲେ। ଅଗ୍ନିକାଣ୍ଡ ଦୁଇ ପରିବାରଙ୍କର ୮ ବଖରା ଜଳି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଗଜେନ୍ଦ୍ର ବିଶ୍ୱାଳଙ୍କର ପୁଅ ଚାଷ ଜମିରେ ସାର ପକାଇବାକୁ ରଖିଥିବା ୩୦ ହଜାର ଟଙ୍କା, ସୁନା ଗହଣା, ଧାନ, ମୁଗ ଓ ଲୁଗା ପଟା ସହ କାଗଜ ପତ୍ର ଜଳି ପାଉଁଶ ହୋଇଯାଇଛି। ସେହିଭଳି ପ୍ରସନ୍ନ ବିଶ୍ୱାଳଙ୍କ ପୁଅ ୫ ମାସ ତଳେ ବିବାହ କରିଥିଲେ। ଯାହା ସବୁ କିଛି ଘରେ ଥିଲା ସବୁ ଜଳି ପାଉଁଶ ହୋଇଯାଇଛି। ଏହି ୨ ପରିବାର ଏବେ ପାଉଁଶ ତଳୁ ନିଜର ମୂଲ୍ୟବାନ ଜିନିଷ ଖୋଜିବା ସହ କାନ୍ଦି କାନ୍ଦି ଗୋଟାଇ ରଖୁଛନ୍ତ।

- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ
- ବିପନ୍ନ ପାଉଁଶ ତଳୁ ଖୋଜୁଛନ୍ତି ମୂଲ୍ୟବାନ ଜିନିଷ

ଗାଁ ଲୋକମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କେବଳ ପାଖରେ ଥିବା ଗୁହାଳରୁ ଛେଳି ଓ ଗୋରୁଙ୍କୁ ଉଦ୍ଧାର କରିଥିଲେ। ପରେ ୨ ବଖରା ଗୁହାଳ ଜଳି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ନିଆଁରେ ସବୁ ଜଳି ପାଉଁଶ ହୋଇଯାଇଥିଲା। ଏହି ଦୁଇ ପରିବାର ପାଖରେ କେବଳ ପିନ୍ଧା ବସ୍ତ୍ର ଛଡ଼ା ଆଉ କିଛି ନାହିଁ। ସରପଞ୍ଚ ଶୁଭସ୍ମିତା ନାୟକଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ, ଗୁହାଳ ଘର ପାଇଁ ବାଉଁଶ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ କନିକା ଅତିରିକ୍ତ ତହସିଲଦାର ଦିନେଶ କୁମାର ପ୍ରଧାନ ଓ କନିକା ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ପୃଥ୍ୱୀରାଜ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ଭେଟି ଆଶ୍ୱସନା ଦେବା ସହ ଶୁଖିଲା ଖାଦ୍ୟ, ବସ୍ତ୍ର, ପଲିଥିନ ସହ ଜିଲାପାଳଙ୍କ ନର୍ଦ୍ଦେଶକ୍ରମେ ୧ ଲକ୍ଷ ୨୮ ହଜାର ଟଙ୍କାର ଅର୍ଥରାଶି ଅଗ୍ନି ୨ ବିପନ୍ନ ପରିବାରଙ୍କୁ ଯୋଗାଇ ଦେଇଛନ୍ତି। ଗାଁର ଗଜାନନ ମାହୁନ୍ତ, ରବିନାରାୟଣ ପଲାଇ, ବିଭୁତି ଭୂଷଣ ପଣ୍ଡା, କିଶୋର ଚନ୍ଦ୍ର ପଣ୍ଡା, ଗଦାଧର ବିଶ୍ୱାଳ, ରଙ୍କନିଧି ପଲାଇ ପ୍ରମୁଖ ତୁରନ୍ତ ଏହି ଅଗ୍ନି ବିପନ୍ନଙ୍କୁ ପକ୍କାଘର ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଡେରାବିଶରେ ବଢ଼ି ଚାଲିଛି କୁକୁଡ଼ା ମଡ଼କ

**୬ଷ୍ଠ ଦିନରେ ମୃତ ଶତାଧିକ କୁକୁଡ଼ାଙ୍କୁ ମାଟି ତଳେ ପୋତାଗଲା**

ଡେରାବିଶ, ୬।୯ (ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଦିନକୁ ଦିନ କୁକୁଡା ମଡ଼କ ବୃଦ୍ଧି ପାଇ ଚାଲିଛି। ବାର୍ଡ ଫ୍ଲୁ ଆଶଙ୍କା ନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ସୁବ୍ରତ ମହାପାତ୍ରଙ୍କ ସମେତ ଫୁଲନଖରାସ୍ଥିତ ବିଭାଗୀୟ ପରୀକ୍ଷାଗାରର ୨ଜଣ ବିଷେଶଜ୍ଞ ଡାକ୍ତର ଗୁରୁବାର ବ୍ଲକ ଅଞ୍ଚଳରେ ବିଭିନ୍ନ ଫାର୍ମରେ ବହୁସଂଖ୍ୟାରେ ମୃତ୍ୟୁବରଣ କରୁଥିବା କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ ସହ ଜେସିବି ମେଶିନ ସାହାଯ୍ୟରେ ଗାତ ଖୋଳି ମୃତ କୁକୁଡ଼ାଗୁଡ଼ିକ ପୋତିବା ବ୍ୟବସ୍ଥା କରିଥିଲେ। ତେବେ ୬ଷ୍ଠ ଦିନ ଶୁକ୍ରବାର ବାଲିଆ ଗ୍ରାମରେ ଥିବା ଏକ ଫାର୍ମରେ ଶତାଧିକ ସଂଖ୍ୟାରେ କୁକୁଡ଼ା ମରିଥିବା ଖବରପାଇ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଦିଲୀପ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ସହ ସେଠାରେ ଗାତ ଖୋଳି ମୃତ କୁକୁଡ଼ାଗୁଡ଼ିକୁ ପୋତିଛନ୍ତି। ଏଥିସହ ବାଲିଆ ସମେତ ସଂକ୍ରମଣ ବ୍ୟାପୁଥିବା ନରସିଂହପୁର, ଏଣ୍ଡର, ଗୋଲରାହାଟ ପ୍ରଭୃତି ପଞ୍ଚାୟତରେ ଥିବା କୁକୁଡ଼ା ଫାର୍ମକୁ ଯାଇ ସ୍ଥିତି ପରଖିଥିଲେ। ଯେଉଁ ଫାର୍ମରେ କୁକୁଡ଼ାଗୁଡ଼ିକଙ୍କର ମୃତ୍ୟୁ ହେଉଛି ତାହାକୁ ଫାର୍ମ ମାଲିକମାନେ ଏଣେତେଣେ ନ ପକାଇବାକୁ ଡା. ସେଠୀ ପରାମର୍ଶ ଦେଇଥିଲେ। ବାହାରେ ମୃତ କୁକୁଡ଼ା ପକାଇବା ଦ୍ୱାରା ଅନ୍ୟ ଫାର୍ମ ସହ ଅନ୍ୟ ପକ୍ଷୀମାନଙ୍କୁ ସଂକ୍ରମଣର ବିପଦ ରହିଛି। ତେବେ ଏହି କୁକୁଡ଼ା ମଡ଼କର କାରଣ ସମ୍ପର୍କରେ ପଚାରିବାରୁ ସଂଗୃହୀତ ରକ୍ତ ନମୁନାର ରିପୋର୍ଟ ଆସିବା ପରେ ଏହା ବାର୍ଡ ଫ୍ଲୁ ଜନିତ କି ଅନ୍ୟ କାରଣରୁ କୁକୁଡ଼ା ମୃତ୍ୟୁ ତାହା ଜଣାପଡ଼ିବ। ଅପରପକ୍ଷରେ ଦିନକୁଦିନ କୁକୁଡ଼ା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ସୁଯୋଗ ନେଇ ବିଭିନ୍ନ କମ୍ପାନୀର ଅଧିକାରୀ ମଲିକମାନଙ୍କଠାରୁ ବହୁ କମ ମୂଲ୍ୟରେ କିଣି ରାତିଅଧିଆ ଗାଡ଼ିରେ କୁକୁଡା ବୋଝେଇ କରି ଅନ୍ୟତ୍ର ଚାଲାଣ କରୁଛନ୍ତି। ତେବେ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହ, ଏଣ୍ଡର ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ ପ୍ରମୁଖ ଦାବି କରିଛନ୍ତି।

# ବଢୁଛି ଶୌଚାଳୟ, ବନ୍ଦ ହେଉନି ଖୋଲାରେ ଶୌଚ

ପାରାଦୀପ,୬।୯ (ଶରତ ରାଉତ)

ପାରାଦୀପ ପୌରାଞ୍ଚଳରେ ଜନସଂଖ୍ୟା ହ୍ରାସ ପାଉଥିବା ବେଳେ ଶୌଚାଳୟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୮ରେ ପାରାଦୀପ ପୌରପାଳିକାକୁ ବାହ୍ୟ ମଳମୁକ୍ତ ସହର ସରକାରୀ ଭାବେ ଘୋଷଣା କରାଯାଇଥିଲା ଏବଂ ରାଷ୍ଟ୍ରପତି ପୁରସ୍କାର ପାଇଥିଲା। ଏହାସତ୍ତ୍ୱେ କିଛି ଜାଗାରେ ଲୋକେ ଖୋଲାରେ ଶୌଚ କରୁଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡ଼ କଥା ହେଲା, ସମୟାନୁସାରେ ଶୌଚାଳୟର ନାମ, ସୌନ୍ଦର୍ଯ୍ୟକରଣ, କଳେବର ବଦଳୁଛି।

ପାରାଦୀପ ପୌରାଞ୍ଚଳର ୧୯ୱାର୍ଡରେ ଏବେ ୬୦ରୁ ଅଧିକ ବୃହତ୍ ଶୌଚାଳୟ ରହିଛି। ଗତ ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସରେ ପୁଣି ନୂଆ ପ୍ରକାର ୯ଟି ଶୌଚାଳୟ ଉଦ୍‌ଘାଟନ କରାଯାଇଛି। ଏହାର ଇଂଲିଶ୍ ନାମ ଆସ୍‌ପିରେସନାଲ ଟଏଲେଟ ବା ଆକାଂକ୍ଷିତ ଶୌଚାଳୟ ରହିଛି। ଉକ୍ତ ଶୌଚାଳୟଗୁଡ଼ିକ କିନ୍ତୁ କାମରେ ଲାଗୁନାହିଁ। କାରଣ ସେହି ଶୌଚାଳୟରେ ପାଣି, ବିଦ୍ୟୁତ, ଟାଙ୍କି, ଆଦି କିଛି ଲାଗିନାହିଁ।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ସହର ସୀମା ମଧ୍ୟରେ ପାରାଦୀପ ପୌରାଞ୍ଚଳ ରହିଛି। ପୌରପାଳିକା ହେବା ପୂର୍ବରୁ ପାରାଦୀପ ବନ୍ଦର ପକ୍ଷରୁ ସରକାରୀ କ୍ୱାର୍ଟର ବାଦ ୪ଟି ଗୋଷ୍ଠୀ ଶୌଚାଳୟ କରାଯାଇଥବଲା। ପରେ ସେହି ପୌରାଞ୍ଚଳରେ ସୁଲଭ ସଂସ୍ଥା ପକ୍ଷରୁ ୯ଟି ଶୌଚାଳୟ କରାଯାଇଥିଲା। ୨୦୧୬ରେ ସ୍ୱଚ୍ଛ ଭାରତ ଅଭିଯାନ ହୋଇଥିଲା। ସେତେବେଳେ ପୌରପାଳିକା ପକ୍ଷରୁ ଆରମ୍ଭ ହେଲା ସିଟିଓପିଟି (କମ୍ୟୁନିଟି ଟଏଲେଟ ଓ ପବ୍ଲିକ ଟଏଲେଟ) ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟ। ପ୍ରତି ଶୌଚାଳୟ ପାଇଁ ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏବେସୁଦ୍ଧା


ସର୍ବସାଧାରଣ ଶୌଚାଳୟ


ଆକାଂକ୍ଷିତ ଶୌଚାଳୟ

- ସମୟାନୁସାରେ ଶୌଚାଳୟ ନାମ ବଦଳୁଛି
- ୨୦୧୮ରେ ପାରାଦୀପ ପୌରପାଳିକାକୁ ବାହ୍ୟ ମଳମୁକ୍ତ ସହର ଘୋଷଣା କରାଯାଇଥିଲା।

୪୧ଟି ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ହୋଇଛି। ସେଥିରେ ଗୋଷ୍ଠୀ ୩୨ ଓ ସର୍ବସାଧାରଣ ଶୌଚାଳୟ ୯ଟି ରହିଛି। ଏହାବାଦ ୩୪୦୦ ବ୍ୟକ୍ତିଗତ ଶୌଚାଳୟ ଲୋକଙ୍କୁ ଦିଆଯାଇଛି। ସେହିପରି କେତେକ କ୍ଷୁଦ୍ର ବଜାର, ଆଶ୍ରମ, ଭଳି ଜାଗାରେ ପରିସ୍ରାଗାର କରାଯାଇଛି। ମୁଖ୍ୟମନ୍ତ୍ରୀ ତତ୍ପର ଯୋଜନା (ମୁକ୍ତା)ରେ ୧୨ଟି ପରିସ୍ରାଗାର ହୋଇଛି। ପ୍ରତି ପରିସ୍ରାଗାର ନିର୍ମାଣ ପାଇଁ ୨ ଲକ୍ଷ ୮୪ ହଜାର୧୬୦ ଟଙ୍କା ଖର୍ଚ୍ଚ ହୋଇଛି। ଏସବୁ ସରକାରୀ ଶୌଚାଳୟବାଦ କିଛି କମ୍ପାନୀ ବହୁମୁଖୀ ଶୌଚାଳୟ, ଭ୍ରାମ୍ୟମାଣ ଶୌଚାଳୟ ଆଦି ଯୋଗାଇ ଦେଇଛନ୍ତି। ଉପରୋକ୍ତ ଶୌଚାଳୟ ଓ ପରିସ୍ରାଗାର ମଧ୍ୟରୁ ଅଧିକାଂଶ କାମରେ ଲାଗୁନାହିଁ। କାରଣ ଶୌଚାଳୟ ପାଖରେ ପାଣି ଯୋଗାଣ ହୋଇନାହିଁ। ଏପରିକି ମୁକ୍ତା ଯୋଜନାରେ ହୋଇଥିବା ପରିସ୍ରାଗାର ଆଦୌ କାମରେ ଲାଗୁନାହିଁ। ବିନା ସେବାରେ ଏବେ ମରାମତି ଆବଶ୍ୟକ ହେଲାଣି। ଏତେ ପ୍ରକାର ଓ ଭିନ୍ନ ଭିନ୍ନ ଶୌଚାଳୟ ଥିବା ସତ୍ତ୍ୱେ ପୁଣି ଆସିଛି ଆକାଂକ୍ଷିତ ଶୌଚାଳୟ। ବାହାରକୁ କାଠ କଣ୍ଟେନର ଭଳି ଦେଖିବା ପାଇଁ। ଭିତରେ ରହିଛି ୪ ରୁ ୫ ସିଟ। ଆଧୁନିକ ଡିଜାଇନ ସହ ଦେଖିବାକୁ ଆକର୍ଷଣୀୟ ହୋଇଛି। ସମୁଦ୍ର କୂଳ, ବତିଘର ପାଖ, ନେହେରୁ ବଙ୍ଗଳା ପଥରବନ୍ଧ, ପିପିଏଲ୍ ଛକ ଭଳି ଜନଗହଳି ଜାଗାରେ ରହିଛି। ପାଣି, ବିଦ୍ୟୁତ୍ ସଂଯୋଗ ହେବା ପରେ ଯାଇ କାମରେ ଲାଗିବ। ଏତେ ପ୍ରକାର ଶୌଚାଳୟ ସତ୍ତ୍ୱେ ଏପର୍ଯ୍ୟନ୍ତ ଶତାଧିକ ମହିଳା ପୁରୁଷ ଖୋଲାରେ ଶୌଚ ଯାଉଛନ୍ତି। ବିଶେଷକରି ନୂଆବଜାର ସୀମା ସମୁଦ୍ର କୂଳ, ଷଣ୍ଢକୁଦ, ଅଠରବାଙ୍କୀ ଲକ୍‌ପଡା, ପିପିଏଲ ଛକ, ବାଲିଝରା, ବାଉରିଆପାଳନ୍ଦା, ଭିତରଗଡ, ଜଗନ୍ନାଥ କଲୋନି ବଙ୍ଗାଳିପଡା, ନେହେରୁବଙ୍ଗଳା, ତାଳଦଣ୍ଡା କେନାଲ ପାଖ ବସ୍ତି ଆଦି ସ୍ଥାନରେ ଲୋକେ ଖୋଲାରେ ଶୌଚ କରୁଛନ୍ତି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ କୁହନ୍ତି, ଆମେ ଖୋଲା ଶୌଚ ବନ୍ଦ କରିବା ପାଇଁ ଅନେକ ପଦକ୍ଷେପ ନେଉଛୁ। ମାତ୍ର କେତେଜଣ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେଉ ନାହିଁ।

# ଚିନିଶିଳ୍ପ ପୁନରୁଦ୍ଧାରକୁ ନେଇ ସନ୍ଦେହ ଘନୀଭୂତ

ନୟାଗଡ଼,୬।୯(ଲୋକନାଥ ମିଶ୍ର)



- ସିଲ୍ ପରେ ସୁରକ୍ଷା ଢିଲା ମହଙ୍ଗା ପଡ଼ିଲା
- ୩ଥର ଆକଳନ, ତଦାରଖର ମିଳିଲାନି ସୁଫଳ
- ଉଜୁଡ଼ିଗଲା ଆକଳନ ହୋଇଥିବା ୧୦୦ କୋଟିର ସମ୍ପତ୍ତି
- ସନ୍ଦେହଘେରରେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ଭୂମିକା

ପୁନରୁଦ୍ଧାର ନାଁରେ ନୟାଗଡ଼ ପାଣିପୋଇଲାସ୍ଥିତ ଚିନିଶିଳ୍ପ ପଦା ହୋଇଗଲା। ଚିନିଶିଳ୍ପ ପଦା ହେବା ପରେ ଏବେ ପୁଣି ପୁନରୁଦ୍ଧାର କରାଯିବା ପାଇଁ ଚେଷ୍ଟା ହେଉଛି, ଯାହାକୁ ନେଇ ସନ୍ଦେହ ଘନୀଭୂତ ହେଉଛି। ସତରେ କ'ଣ ଆଉଥରେ ଚିନିକଳ ପ୍ରତିଷ୍ଠା ହେବ। ପୁଣିଥରେ ଆଖୁ ଫସଲରେ ନୟାଗଡ଼ ଜିଲାର ଚାଷ ଜମି ହସି ଉଠିବ। ୨୦୧୪ ଶେଷକୁ ଚିନିକଳ ବନ୍ଦ କରାଯାଇଥିଲା। ଚିନିକଳର ପୁନରୁଦ୍ଧାର ନେଇ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ନୟାଗଡ଼ ସୁଗାର କମ୍ପ୍ଲେକ୍ସର ଡେପୁଟି ଡାଇରେକ୍ଟର ସବ୍ୟସାଚୀ ମିଶ୍ରଙ୍କର ଭୁବନେଶ୍ୱରଠାରେ ଅଗଷ୍ଟ ୩୧ରେ ଆଲୋଚନା କରିବା ଓ ଗତ ୪ ତାରିଖରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ସମୀକ୍ଷା କରିବା ଘଟଣା ସରକାର ଏବଂ ପ୍ରଶାସନର ତତ୍ପରତାକୁ ପ୍ରମାଣିତ କରିଛି। ତେବେ ଚିନିଶିଳ୍ପକୁ ସିଲ୍ ପରେ ସୁରକ୍ଷା ଢ଼ିଲା କରିବା କାରଣରୁ ଭିତରେ ଥିବା ସାମଗ୍ରୀ ସବୁ ଚୋରି ହୋଇଗଲା ବୋଲି ଅଭିଯୋଗ ଉଠିଛି। ଜିଲା ପ୍ରଶାସନ ପକ୍ଷରୁ ଚିନିକଳର ୩ ଥର ଆକଳନ ଓ ତଦାରଖ ହୋଇଥିଲେ ହେଁ ୧୦୦କୋଟିର ସମ୍ପତ୍ତିକୁ ସୁରକ୍ଷା ଦେବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଏଭଳିସ୍ଥଳେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଏପରିକି ତତ୍କାଳୀନ ଜିଲାପାଳଙ୍କ ଆକଳନ ଓ ତଦାରଖ କରିବାର ନିଷ୍ପତ୍ତି ନେଇ ମଧ୍ୟ ଅନୁରୂପ ଭାବେ ସାଧାରଣରେ ପ୍ରଶ୍ନ ଉଠିଛି।

୧୯୯୨ରେ ପାଣିପୋଇଲାଠାରେ ୧୪୩ ଏକର ଜମିରେ ୧୭ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ଚିନିଶିଳ୍ପ ଗଢ଼ି ଉଠିଥିଲା। ସମବାୟ ବିଭାଗ ଓଡ଼ିଶା ସରକାର ଏହାର ପରିଚାଳନା ଭାର ନେଇଥିଲେ। ପରେ ୧୯୯୧ରୁ ୧୯୯୭-୯୮ ପର୍ଯ୍ୟନ୍ତ ଧରଣୀ ସୁଗାର ଲିମିଟେଡ ପରିଚାଳନା ଭାର ନେଇଥିଲା। ୧୯୯୮-୯୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପୁଣି ସମବାୟ ବିଭାଗ ଓଡ଼ିଶା ସରକାର ପରିଚାଳନା ଭାର ନେଇଥିଲେ। ୨୦୦୦ରୁ ୨୦୦୩-୦୪ ପର୍ଯ୍ୟନ୍ତ ଚିନିକଳରେ ତାଲା ଝୁଲିଥିଲା। ୨୦୦୪-୦୫ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ଏହାର ପରିଚାଳନା ଭାର ନେଲା। ନୟାଗଡ଼ ସମବାୟ ଚିନିଶିଳ୍ପ ପ୍ରତିଷ୍ଠା ହେବାଦିନଠାରୁ ନିଜସ୍ୱ ପରିଚାଳନା ପରିଷଦ ଦ୍ୱାରା ୨୦।୬।୨୦୦୪ ପର୍ଯ୍ୟନ୍ତ ସମବାୟ ଆଇନ ୧୯୬୪ ଧାରା ଅନୁସାରେ ପଞ୍ଜୀକୃତ ହୋଇ ପରିଚାଳନା ହେଉଥିଲା। ଏହାର ପ୍ରତିଦିନର ଉତ୍ପାଦନ କ୍ଷମତା ୧୨୫୦ ଟିସିଡି ରହିଥିଲା। ଏଠାରେ ରିଫାଇନ ଚିନି ଉତ୍ପାଦନ ହେଉଥିଲା। ଚିନିଶିଳ୍ପର ଦୈନିକ ଆଖୁ ପେଷଣ କ୍ଷମତା ୧୨୫୦ ମେଟ୍ରିକ ଟନ୍ ଥିଲା। ନୟାଗଡ଼ ସମବାୟ ଚିନିଶିଳ୍ପକୁ ୫ କୋଟି ୨୨ ଲକ୍ଷ ଟଙ୍କାରେ ସେଲ୍ ଆଣ୍ଡ ପରଚେସ୍ ଏଗ୍ରିମେଣ୍ଟ ଦ୍ୱାରା ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡକୁ ୨୦।୬।୨୦୦୪ରେ ହସ୍ତାନ୍ତର କରାଯାଇଥିଲା। ତେବେ ୨୦୧୪ ଶେଷ ସମୟରେ ଚିନିଶିଳ୍ପରେ ତାଲା ଝୁଲିଥିଲେ ମଧ୍ୟ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ନିଜ ହେପାଜତରେ ସୁରକ୍ଷା ଦେଇ ରଖିଥିଲା। କିନ୍ତୁ ୨୦୨୦ ମାର୍ଚ୍ଚ ୧୨ରେ ଜିଲା ପ୍ରଶାସନ ପକ୍ଷରୁ ଆସ୍କା ଚିନିକଳର ୨ଜଣିଆ ବୈଷୟିକ ଟିମ୍ ସହଯୋଗରେ ଯାଞ୍ଚ କରି ସମ୍ପତ୍ତି ତାଲିକା ପ୍ରସ୍ତୁତ କରାଯାଇଥିଲା। ପରେ ଚିନିଶିଳ୍ପକୁ ସିଲ୍ ପରେ ଗୋଟିଏ ଚାବି ୟୁକୋ ବ୍ୟାଙ୍କ ଓ ଅନ୍ୟ ଚାବି ଜିଲା ପ୍ରଶାସନ ନିକଟରେ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତତ୍କାଳୀନ ଜିଲାପାଳ ପୋମା ଟୁଡୁ ସମ୍ପତ୍ତି ଆକଳନ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ। ସିସିଟିଭି ଲଗାଇ ସୁରକ୍ଷା ଓ ୩ ଥର ସମ୍ପତ୍ତି ଯାଞ୍ଚ ପରେ ପ୍ରଶାସନ ଚିନିକଳକୁ ସୁରକ୍ଷା ଦେଇ ପାରି ନ ଥିଲା। ଚୋରି ବଢ଼ି ଚାଲିଥିଲା। ହାତଗଣତି ଦୁର୍ବୃତ୍ତ ଓ ଚୋରି ଉପକରଣ ଜବତ କରି ପୋଲିସ ବାହାବା ନେଇଥିଲା। ୨୦୨୪ ନିର୍ବାଚନରେ ଭାଜପା ଚିନିକଳକୁ ପୁନରୁଦ୍ଧାର କରାଯିବାକୁ ପ୍ରତିଶ୍ରୁତି ଦେଇଥିଲା। ଦଳ କେନ୍ଦ୍ର ଓ ରାଜ୍ୟରେ ବିଜୟୀ ହେବା ପରେ ଚିନିକଳ ପୁନରୁଦ୍ଧାର କରାଯିବାର ପ୍ରୟାସ ଚାଲିଛି। ତେବେ ଦେଖିବାର ରହିଲା ଚିନିଶିଳ୍ପ ପୁନରୁଦ୍ଧାର ହେଉଛି ନାଁ ଏହା ଭାଷଣବାଜିରେ ଅଟକି ପ୍ରସଙ୍ଗ ପୁଣି ଶୀତଳଭଣ୍ଡାରକୁ ଚାଲି ଯାଉଛି।

# ସୁଭଦ୍ରା ଯୋଜନା ଫର୍ମ ୨୦ ଟଙ୍କାରେ ବିକ୍ରି

ଓଡ଼ଗାଁ, ୬।୯ (ଆଦର୍ଶ କୁମାର ପଟ୍ଟନାୟକ)

- ଆହାର କେନ୍ଦ୍ରରେ ସରିଗଲା ଖାଦ୍ୟ
- ବ୍ୟାଙ୍କ, ମୋ ସେବା, ଜନସେବା କେନ୍ଦ୍ର, ପୋଷ୍ଟ ଅଫିସ ଭିଡ଼ ଜମୁଛି

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ତଥା ଏନ୍‌ଏସିର ବ୍ୟାଙ୍କ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ଡାକ କାର୍ଯ୍ୟାଳୟଗୁଡ଼ିକରେ ଭିଡ଼ ଜମୁଛି। ୪ଦିନ ହେଲା ଓଡ଼ଗାଁ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରରେ ଅସମ୍ଭବ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଖାଦ୍ୟ ପହଁଞ୍ଚିବା ପୂର୍ବରୁ ଲାଇନ୍ ଲାଗୁଛି। ଏଠାକୁ ପ୍ରତିଦିନ ୩୫୦ ଜଣଙ୍କ ପାଇଁ ଆସୁଥିବା ଖାଦ୍ୟ ସରିଯିବା ପରେ ଶୁକ୍ରବାର ପ୍ରାୟ ୩ଶହ ମହିଳା ନିରାଶ ହୋଇ ଫେରି ଯାଇଛନ୍ତି। ବିଭିନ୍ନ ପଞ୍ଚାୟତରୁ ଓଡ଼ଗାଁ ବ୍ଲକକୁ ଆସୁଥିବା ବସ୍‌ଗୁଡ଼ିକ ମଧ୍ୟରେ ଭିଡ଼ ପରିଲକ୍ଷିତ ହେଉଛି। ଓଡ଼ଗାଁ ବଜାର ସମ୍ପୂର୍ଣ୍ଣ ଜନଗହଳି ହୋଇ ପଡୁଥିବାରୁ ବ୍ଲକ ଏବଂ ହନୁମାନ ଛକରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଜିଲା ପ୍ରଶାସନ ପକ୍ଷରୁ ଅନ୍ୟାଦେଶ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ଆବେଦନ ଜାରି ରହିବ ବୋଲି ସ୍ପଷ୍ଟ କରାଯାଇଥିଲେ ମଧ୍ୟ ମହିଳା ହିତାଧିକାରୀ ଏବଂ ଏସ୍‌ଏଚଜିର ସମର୍ଥନ ହାସଲ ପାଇଁ ଗାଁଗୁଡ଼ିକରେ ଥିବା କୁଜି ନେତାମାନେ ଶୀଘ୍ର ଯାଇ ଆବେଦନ କରିବା ନିମନ୍ତେ ଉସୁକାଉଛନ୍ତି। ଯେକୌଣସି ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ବନ୍ଦ ହୋଇଯାଇପାରେ ବୋଲି ଭ୍ରମ ସୃଷ୍ଟି କରାଯାଉଛି। ଅନ୍ୟପକ୍ଷରେ ଜଣେ ଆବେଦନକାରୀଙ୍କୁ ଗୋଟିଏ ଆବେଦନପତ୍ର ମାଗଣାରେ ଦେବାକୁ ବ୍ୟବସ୍ଥା ରହିଛି। ଆବେଦନ ସମୟରେ ଯଦି କାହାର ଫର୍ମ ଭୁଲ ହୋଇଯାଏ ତେବେ ସେ ୨୦ରୁ ୨୫ ଟଙ୍କାରେ ଅନ୍ୟ ଗୋଟିଏ ଫର୍ମ ଯୋଗାଡ଼ କରୁଛନ୍ତି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ଆଡୁ ଫର୍ମ ସଂଗ୍ରହ କରି ବିକ୍ରି କରୁଥିବା ଜଣାଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉକ୍ତ ଯୋଜନାର ଉଦ୍‌ଘାଟନ ହେବ ବୋଲି ପ୍ରଚାର ହୋଇଥିବାରୁ ଆବେଦନକାରୀମାନେ ସେହିଦିନଟିକୁ ଆବେଦନର ଶେଷଦିନ ବୋଲି ଭାବି ଥିବାରୁ ଏ ନେଇ ଜିଲା ପ୍ରଶାସନ ସ୍ପଷ୍ଟ କରି ଭ୍ରମ ଦୂର କରିବାର ଆବଶ୍ୟକତା ରହିଛି।



ପୋଷ୍ଟ ଅଫିସ ସମ୍ମୁଖରେ ଲୋକଙ୍କ ଗହଳି।

# ପଟ୍ଟଚିତ୍ର ଶାଢ଼ି ରୋଜଗାର ମାଧ୍ୟମ ସାଜିଛି



ଚିତ୍ରଶିଳ୍ପୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଶାଢ଼ିରେ ପରିବାର ସହ ପଟ୍ଟଚିତ୍ର ଆଙ୍କୁଛନ୍ତି।

ଖଣ୍ଡପଡ଼ା,୬।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ୧୨ ନଂ. ୱାର୍ଡ ବାସିନ୍ଦା ଚିତ୍ର ଶିଳ୍ପୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ପରିବାର ଶାଢ଼ିରେ ପଟ୍ଟଚିତ୍ର ଆଙ୍କିବାରେ ଲାଗି ପଡ଼ିଛନ୍ତି। ଯାହାକି ଏହି ପେସା ସମ୍ପୃକ୍ତ ପରିବାରଙ୍କ ପାଇଁ ଭଲ ରୋଜଗାରର ମାଧ୍ୟମ ପାଲଟିଥିବା ଦୁର୍ଗା ପ୍ରସାଦ କହିଛନ୍ତି। ନାମିଦାମୀ ଶାଢ଼ିରେ ପାରମ୍ପରିକ ପଟ୍ଟଚିତ୍ର ଶୋଭା ପାଉଛି। ଏହି ଧରଣର ଶାଢ଼ି ଏବେ ଗ୍ରାହକଙ୍କ ମନ କିଣି ନେଉଛି। ଗ୍ରାହକଙ୍କ ପସନ୍ଦ ମୁତାବକ ଶାଢ଼ିରେ ବିଭିନ୍ନ ଡିଜାଇନ ପ୍ରସ୍ତୁତ କରିବାରେ ଦୁର୍ଗା ପ୍ରସାଦ ଲାଗି ପଡ଼ିଛନ୍ତି। କଳାକୁ ନିଶା ଓ ପେସା ଭାବେ ଗ୍ରହଣ କରିଥିବା ଚିତ୍ରଶିଳ୍ପୀ ଦୁର୍ଗା ରାଜ୍ୟର ସୁନାମଧନ୍ୟ ଖଲିକୋଟ ଚାରୁ କଳା ମହାବିଦ୍ୟାଳୟର ସ୍ନାତକ ଡିଗ୍ରୀରେ ପାସ କରିବା ପରେ ଖଣ୍ଡପଡ଼ାରେ ରହି ଚିତ୍ରକଳା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମନ୍ତେ ଅହରହ ଉଦ୍ୟମ ଜାରି ରଖିଛନ୍ତି। ମୃଣ୍ମୟମୂର୍ତ୍ତି ନିର୍ମାଣ କରିବା, ଚିତ୍ର ଆଙ୍କିବା, ପଟ୍ଟଚିତ୍ର ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ଯୁବଶିଳ୍ପୀ ଜଣଙ୍କ ବିଭିନ୍ନ ଅନୁଷ୍ଠାନରୁ ଅନେକ ପୁରସ୍କାର ଗ୍ରହଣ କରି ସାଧାରଣରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ଏବେ ଶାଢ଼ିରେ ପଟ୍ଟଚିତ୍ର ଆଙ୍କି ଯୁବଶିଳ୍ପୀ ଦୁର୍ଗାଙ୍କ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି। ଗୋଟିଏ ଗୋଟିଏ ଶାଢ଼ିରେ ଡିଜାଇନ ଆଙ୍କିବା ପାଇଁ ପାରିଶ୍ରମିକ ବାବଦରେ ତାଙ୍କୁ ୩ ରୁ ୪ହଜାର ଟଙ୍କା ମିଳୁଥିବା ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ପଟ୍ଟଚିତ୍ର କାର୍ଯ୍ୟରେ ତାଙ୍କୁ ୮୦ ପ୍ରତିଶତ ଲାଭ ମିଳୁଥିବା ବେଳେ ମାତ୍ର ୨୦ ପ୍ରତିଶତ ଅର୍ଥ ପଟ୍ଟଚିତ୍ର ପ୍ରସ୍ତୁତ କରିବାରେ ଖର୍ଚ୍ଚ ହେଉଥିବା ସେ କହିଛନ୍ତି। କଟକ ଓ ଭୁବନେଶ୍ୱର ଅଞ୍ଚଳରୁ ଲୁଗା ବ୍ୟବସାୟୀମାନଙ୍କଠାରୁ ଶାଢ଼ିରେ ଡିଜାଇନ ଆଙ୍କିବା ପାଇଁ ଦୁର୍ଗା ପ୍ରସାଦ ଅର୍ଡର ପାଉଛନ୍ତି। ପଟ୍ଟଚିତ୍ର ଶୋଭା ପାଉଥିବା ଶାଢ଼ିଗୁଡ଼ିକର ବଜାର ଦର ୧୨ ହଜାରରୁ ୧୫ ହଜାର ଟଙ୍କା ଥିବା ଜଣାପଡ଼ିଛି। ଏକ ସ୍ୱତନ୍ତ୍ର ଧରଣର ରଙ୍ଗ ଓ ତୂଳୀ ଶାଢ଼ି ଡିଜାଇନରେ ବ୍ୟବହୃତ ହେଉଥିବା ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୋଜାଫର



@ ଗୁଡୁ



@ ବୁଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରସୁଣ ୪୦୦କୁ ଅଦା ୨୦୦ଟଙ୍କା

ନୟାଗଡ଼,୬।୯(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ପନି ପରିବା ଦର ଉପରେ ଲଗାମ ନ ଥିବାବେଳେ ରସୁଣ କେଜି ୪୦୦ ଟଙ୍କାରେ ଓ ଅଦା କେଜି ୨୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ପିଆଜ କିଲୋ ୬୦ ଟଙ୍କା ଥିବାବେଳେ ଆଳୁ ୩୦ ଟଙ୍କାରୁ କମୁ ନାହିଁ। ପୂର୍ବରୁ ଆଳୁ କନ୍ଦାଉ ଥିବାବେଳେ ଏବେ ରସୁଣ, ପିଅରଜ, ଅଦା କନ୍ଦେଇବା ଆରମ୍ଭ କରି ଦେଲାଣି।

# ୨ ବର୍ଷ ବିତିଲା, କଣ୍ଟିଲୋରେ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା,୬।୯ (ଅଜୟ କୁମାର ମହାରଣା)

୨ବର୍ଷ ହେଲା କଣ୍ଟିଲୋରେ ଏକ ୨୪ ଘଣ୍ଟିଆ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨.୨୦ କୋଟି ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ମାତ୍ର ଆବଶ୍ୟକ ହେଉଥିବା ୨ ଏକର ଜାଗା ଚିହ୍ନଟ ହୋଇ ପାରୁ ନ ଥିବାରୁ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହେଉଛି। ଏ ନେଇ କଣ୍ଟିଲୋ ସରପଞ୍ଚ ଶ୍ରୟାରାଣୀ ବେହେରା, ନାଏବ ସରପଞ୍ଚ ପ୍ରଭାତ କୁମାର ସାହୁ, ୱାର୍ଡ ସଭ୍ୟ ସୁରେଶ କୁମାର ମହାରଣା, କାଳନ୍ଦୀ ମହାରଣା, ଜଗନ୍ନାଥ ବେହେରା ପ୍ରମୁଖ କେତେଜଣ ୱାର୍ଡ ମେମ୍ବର ବୁଧବାର ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଲିଖିତ ଭାବେ ଅବଗତ କରିଥିବା ଜଣାଯାଇଛି।



ସରପଞ୍ଚ ଓ ଅନ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟିଲୋ ଓ ଏହାର ଆଖପାଖ ବାଣପୁର, ବେଣାଗାଡ଼ିଆ, ସିଧାମୂଳା, ପଥରଚକଡ଼ା, କେନ୍ଦୁପଲ୍ଲୀ ଆଦି ୭ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଅପରପକ୍ଷରେ କଣ୍ଟିଲୋ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ପର୍ଯ୍ୟଟକମାନଙ୍କ ମଧ୍ୟରୁ କେହି କେହି ଗୁରୁତର ହୋଇ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଶୁ ଚିକିତ୍ସା ପାଇଁ ଆସୁଥିବାବେଳେ କେହି ସ୍ଥାୟୀ ଡାକ୍ତର ନ ଥିବା ସହ ଆବଶ୍ୟକ ଉପକରଣ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଥିବା ଉକ୍ତ ପତ୍ରରେ ଦର୍ଶାଯାଇଛି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ସରକାରୀ ଜାଗାରେ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ନିବେଦନ ପତ୍ରରେ ଦର୍ଶାଯାଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି।

# ଗଣେଶପୂଜା ପୂର୍ବରୁ ନୟାଗଡ଼ ବଜାରରେ ଭିଡ଼

ନୟାଗଡ଼,୬।୯(ଲୋକନାଥ ମିଶ୍ର)

ଗଣେଶ ପୂଜା ପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ବଜାର ଭିଡ଼ ହୋଇଛି। ନୟାଗଡ଼ ସହରରର ଲେମ୍ବୁ ଛକଠାରୁ ଓଡ଼ଗାଁ ଛକ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ଅଞ୍ଚଳରେ ଗଣେଶ ପୂଜା ହେଉଥିବାରୁ ଅଧା ରାସ୍ତାରେ ପୂଜା ମଣ୍ଡପ ହୋଇଛି। ଏଣୁ ନୟାଗଡ଼ ଶରଣକୁଳ ୨୧ ନଂ. ରାଜ୍ୟ ରାଜପଥରେ ନୟାଗଡ଼ ସହର ଭିତରେ ଭିଡ଼ ଜୋର ହୋଇଛି। ସେହିପରି ନୟାଗଡ଼ ଦଶପଲ୍ଲା ରୋଡରେ ଅଳକା ଡ୍ରେସ ଦୋକାନ ଓ ଓଡଗାଁ ଛକରେ ଗୁରୁ କ୍ଲଥ ଓ ଡ୍ରେସ୍ ଦୋକାନ ସମ୍ମୁଖରେ ଅନୁରୂପ ଭାବେ ରାସ୍ତା ଭିଡ଼ ହୋଇଛି। ଉଭୟ ଦୋକାନ ସମ୍ମୁଖରେ ଗ୍ରହକ ବାଇକ୍ ପରି ଯାନବାହାନ ରଖିବା କାରଣରୁ ଭିଡ଼ ଅଧିକ ହୋଇଥିଲା। ଏଭଳିସ୍ଥଳେ ୨୦୦ରୁ ୫୦୦ ମିଟର ରାସ୍ତାକୁ ଚାଲି କରି ଯିବାକୁ ଅଧ ଘଣ୍ଟା ଲାଗୁଛି। ବିଭିନ୍ନ ପର୍ବପର୍ବାଣିରେ ଏଭଳି ଭିଡ଼ ହେଉଥିଲେ ମଧ୍ୟ ପ୍ରତିକାର ନ ଥିବା ଅଭିଯୋଗ ହୋଇ ଆସୁଛି।

# ଅବହେଳିତ ଅବସ୍ଥାରେ ମହିମାମେରୁଙ୍କ ମଠ

ଖଣ୍ଡପଡ଼ା,୬।୯(ଅଜୟ କୁମାର ମହାରଣା)

ରାଜରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିବା ଖଣ୍ଡପଡ଼ା ସହରର ୧ନଂ. ୱାର୍ଡ ଅମଲାପଡ଼ାସ୍ଥିତ ପ୍ରଭୁ ମହିମାମେରୁଙ୍କ ମଠ ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବାର ମାସରେ ତେର ପର୍ବ ଏଠାରେ ଅନୁଷ୍ଠିତ ହୋଇଥାଏ। ମଠାଧୀଶ ପ୍ରଭୁ ମହିମାମେରୁ ଏଠାରେ ପୂଜା ପାଉଛନ୍ତି। ବିଗ୍ରହଙ୍କ ନୀତିକାନ୍ତି ସମ୍ପନ୍ନ ନିମନ୍ତେ ଖଣ୍ଡପଡ଼ାର ତତ୍କାଳୀନ ରାଜା ମହିମାମେରୁ ମଠ ନାମରେ ଏକରରୁ ଊର୍ଦ୍ଧ୍ୱ ଜମି ଖଞ୍ଜା ଦେଇଥିଲେ ହେଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ମଠର ଜମିଜମା ସବୁକିଛି ଏବେ ରହିଛି। ଜମିରୁ ଆୟ ବାବଦ ଅର୍ଥ ମଠକୁ ଆସୁ ନ ଥିବା ଜଣାପଡ଼ିଛି। ମଠର ବାହ୍ୟ ପ୍ରାଚୀରର କିଛି ଅଂଶ ଭାଙ୍ଗି ଯାଇଥିବା ବେଳେ ମଠ ପରିସର ଅନାବନା ଗଛଲତାରେ ଭର୍ତ୍ତି ହୋଇରହିଛି। ସେହିପରି ମଠର ମୁଖଶାଳା ଭଗ୍ନ ଅବସ୍ଥାରେ ଦଣ୍ଡାୟମାନ। ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଅଧୀନରେ ପ୍ରଭୁ ମହିମାମେରୁଙ୍କ ମଠଟି ଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଓ ଆନ୍ତରିକତାର ଅଭାବରୁ ଅବହେଳିତ ଅବସ୍ଥାରେ ମଠଟି ପଡ଼ି ରହିଛି। ସେହିପରି ମଠର ସମ୍ମୁଖ ଭାଗ ଅସ୍ଥାୟୀ ଉଠା ଦୋକାନୀଙ୍କ କବ୍‌ଜାରେ କବଳିତ ହୋଇ ରହିଛି। ମହିମାମେରୁଙ୍କ ମଠର ପୁନରୁଦ୍ଧାର ଦିଗରେ ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧି କାହାର ହେଲେ ଆନ୍ତରିକତା ନ ଥିବା ପରି ମନେ ହେଉଛି। ରାଜ୍ୟ ସରକାର ପ୍ରାଚୀନ ମନ୍ଦିର, ମଠ ଓ ଐତିହ୍ୟର ପୁନରୁଦ୍ଧାର ଦିଗରେ ଅର୍ଥ ବ୍ୟୟ କରୁଥିଲେ ହେଁ ଖଣ୍ଡପଡ଼ା ସହରରେ ଅବସ୍ଥିତ ମହିମାମେରୁଙ୍କ ମଠଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ମଠ ପରିସରରେ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ସହ ମଠର ପୁନରୁଦ୍ଧାର ଦିଗରେ ଦେବୋତ୍ତର ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଭାରପ୍ରାପ୍ତ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜାରାମ ଛତ୍ରିଆଙ୍କୁ ପଚାରିବାରେ ମଠ ପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।



ମହିମାମେରୁ ମଠ।

